

ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ବୁଧବାର ୧୮ ଅଗଷ୍ଟ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 18 AUGUST 2021

Vol.No. 32 ■ No. 210 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019

ଶୁଭେଚ୍ଛା ସହ

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

ଆଫଗାନ ସଙ୍କଟ ପାଇଁ ମୋଦିଙ୍କ ଜରୁରୀ ବୈଠକ

ଭାରତ ଫେରିବାକୁ ୧୬୫୦ ଜଣଙ୍କ ଆବେଦନ

ନୂଆଦିଲ୍ଲୀ,୧୭/୦୮: ଆଫଗାନିସ୍ତାନ ସଙ୍କଟକୁ ନେଇ ଭାରତରେ କମ୍ପନ। ଏହାକୁ ଦୃଷ୍ଟିରେ ରଖି ଆଜି ସନ୍ଧ୍ୟାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜରୁରୀ ବୈଠକ କରିଛନ୍ତି। ଏହି ସମୟରେ ସେ ପୂରା ସ୍ଥିତିର ସମୀକ୍ଷା କରିଛନ୍ତି। ଏହି କ୍ୟାବିନେଟ କମିଟି ବୈଠକରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର, ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଓ ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ ପ୍ରମୁଖ ଉପସ୍ଥିତ ରହିଥିଲେ। ଆଫଗାନିସ୍ତାନ ସ୍ଥିତି ଦିନକୁ ଦିନ ଜଟିଳ ହେଉଥିବା ବେଳେ ସେଠାରେ ଫସି ରହିଥିବା ଭାରତୀୟମାନେ ଉଦ୍ଧାର ପାଇଁ ବିକଳ ହେଉଛନ୍ତି। ଆଫଗାନିସ୍ତାନରୁ ସେମାନେ ଭାରତ ସରକାରଙ୍କୁ ନିବେଦନ କରି ଭିଡିଓ ମଧ୍ୟ ଜାରି କରୁଛନ୍ତି। ଏସବୁ ଭିତରେ ମୋଦି ଜରୁରୀ ବୈଠକ କରିଥିବାରୁ କିଛି ବଡ଼ ଘୋଷଣା ହେବାର ସମ୍ଭାବନା ରହିଛି। ରବିବାର କାବୁଲ ତାଲିବାନ କବଜାକୁ ଯିବା ପରେ ସେଠାରେ ସଙ୍କଟ ଦେଖାଯାଇଛି। ଏହାସତ୍ତ୍ୱେ ବିଭିନ୍ନ ରାଷ୍ଟ୍ରଗୁଡ଼ିକ ଭଳି ଭାରତ ମଧ୍ୟ ଦୁଇଟି ସ୍ୱତନ୍ତ୍ର ବିମାନରେ ଦୂତାବାସ କର୍ମଚାରୀ ଓ ରାଷ୍ଟ୍ରଦୂତଙ୍କୁ ଏୟାରଲିଫ୍ଟ କରିଛି। ପ୍ରଧାନମନ୍ତ୍ରୀ ଆଫଗାନ ସ୍ଥିତିକୁ ନେଇ ନିୟମିତ ବରିଷ୍ଠ ଅଧିକାରୀଙ୍କ ସହ ଯୋଗାଯୋଗରେ ରହିଛନ୍ତି। ଉଦ୍ଧାର ଠାରୁ ଆରମ୍ଭ କରି ବିଭିନ୍ନ ଦିଗ ଉପରେ ସେ ତୀକ୍ଷ୍ଣ ନଜର ରଖିଥିବା ଜଣାପଡ଼ିଛି। ମୋଦିଙ୍କ ବାସଭବନରେ ଅନୁଷ୍ଠିତ ଆଜିର ବୈଠକରେ କ୍ୟାବିନେଟ ସଚିବ ଓ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ପ୍ରମୋଦ ମିଶ୍ର ମଧ୍ୟ ଉପସ୍ଥିତ ରହିଥିଲେ। ଆଜି ଉଦ୍ଧାର କାର୍ଯ୍ୟ ଉପରେ ବିସ୍ତୃତ ଆଲୋଚନା କରିଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ଦୂତାବାସ କର୍ମଚାରୀ ଏୟାରଲିଫ୍ଟ ହେବା ପରେ କାବୁଲରେ ଥିବା ଭାରତର କାର୍ଯ୍ୟାଳୟ ବନ୍ଦ ହୋଇଯାଇଥିବା ଖବରରେ ନୂଆ ଟ୍ୱିଷ୍ଟ ଆସିଛି। ଦୂତାବାସ କର୍ମଚାରୀ ଫେରିଥିଲେ ମଧ୍ୟ କାବୁଲ କାର୍ଯ୍ୟାଳୟ ବନ୍ଦ ହୋଇନାହିଁ। ସ୍ଥାନୀୟ କର୍ମଚାରୀମାନେ ଲୋକଙ୍କୁ କନସୁଲାର ସେବା ଯୋଗାଇ ଦେଉଛନ୍ତି। ଏଯାଏ ୧୬୫୦ରୁ ଅଧିକ ଲୋକ ଭାରତ ଫେରିବାକୁ ଆବେଦନ କରିସାରିଛନ୍ତି। ସେମାନଙ୍କୁ ତୁରନ୍ତ ସ୍ୱଦେଶ ଆଣିବାକୁ ବ୍ୟବସ୍ଥା କରାଯାଉଥିବା ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି।

୧୦ ବର୍ଷ ପାଇଁ ଭାରତୀୟ ହକି ଦଳର ପ୍ରାୟୋଜକ ରହିବ ଓଡ଼ିଶା

ହକି ଖେଳାଳୀଙ୍କୁ ଭବ୍ୟ ସମ୍ବର୍ଦ୍ଧନା

ଭୁବନେଶ୍ୱର,୧୭/୦୮ (ନି.ପ୍ର): ଆଗାମୀ ୧୦ ବର୍ଷ ପାଇଁ ଭାରତୀୟ ହକି ଦଳର ପ୍ରାୟୋଜକ ରହିବ ଓଡ଼ିଶା । ଏ ନେଇ ମଙ୍ଗଳବାର ଲୋକସେବା ଭବନରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ଲୋକସେବା ଭବନରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟମନ୍ତ୍ରୀ ଭାରତୀୟ ମହିଳା ଓ ପୁରୁଷ ହକି ଦଳକୁ ପୁରସ୍କୃତ କରିବା ସହ ହକି ଇଣ୍ଡିଆ ସଭାପତିଙ୍କୁ ୫୦ ଲକ୍ଷ ଟଙ୍କାର ଅର୍ଥରାଶି ପୁରସ୍କାର ଦେଇଛନ୍ତି ମୁଖ୍ୟମନ୍ତ୍ରୀ । ଗୋଲ ରକ୍ଷା ପାଇଁ ଗୋଲକିପର ସବିତା ପୁଣିଆଙ୍କୁ ୫ ଲକ୍ଷ, ବେଷ୍ଟ ଡିଫେଣ୍ଡର ଭାବେ ଦୀପଗ୍ରେସ ଏକ୍କାଙ୍କୁ ୫ ଲକ୍ଷ, ସୁଶୀଳା ଚାନୁଙ୍କୁ ୫ ଲକ୍ଷ, ଗୋଲ ଆସିଷ୍ଟ ପାଇଁ ରାଣୀ ରାମପାଲ ଓ ନବନିତ କୌରଙ୍କୁ ୫ ଲକ୍ଷ। ଗୁରଜିତ କୌର ଏବଂ ବନ୍ଦାଣ କାଟେରିଆଙ୍କୁ ସର୍ବାଧିକ ଗୋଲ ପାଇଁ ୫ ଲକ୍ଷ ଲେଖାଏଁ ପ୍ରଦାନ କରାଯାଇଛି । ସେହିପରି ଅଧିକ ଗୋଲ ରକ୍ଷା କରିଥିବାରୁ ଶ୍ରୀଜେସଙ୍କୁ ୫ ଲକ୍ଷ ପ୍ରଦାନ କରାଯାଇଛି। ଡିଫେନ୍ସ ପାଇଁ ରୂପିନ୍ଦର ପାଲଙ୍କୁ ୫ଲକ୍ଷ, ହରମନ ପ୍ରୀତ ସିଂହଙ୍କୁ ସର୍ବାଧିକ ଗୋଲ ଓ ମିଡ ଫିଲଡ଼ରେ ଭଲ ପାଇଁ ୧୦ ଲକ୍ଷ ଓ ମିଡ ଫିଲ୍ଡରେ ଭଲ ପ୍ରଦର୍ଶନ ପାଇଁ ଅମିତ ରୋହିଦାସଙ୍କୁ ୫ ଲକ୍ଷ ପ୍ରଦାନ କରାଯାଇଛି। ଏଥିସହ ପ୍ରତ୍ୟେକ ମହିଳା ଖେଳାଳିଙ୍କୁ ୧୦ ଲକ୍ଷ ଟଙ୍କା ଲେଖାଏଁ ପୁରସ୍କାର ଓ ଦଳର ସହଯୋଗୀ କାର୍ଯ୍ୟକର୍ତାଙ୍କୁ ୫ ଲକ୍ଷ ଲେଖାଏଁ ପ୍ରଦାନ କରାଯାଇଛି । ସେପଟେ ଅଭୂତପୂର୍ବ ସ୍ୱାଗତରେ ଅଭିଭୂତ ହେବା ପରେ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି ହକି ଖେଳାଳି ।

ଅଗଷ୍ଟ ୨୦ ଯୁକ୍ତ ୩ ନାମଲେଖା ପାଇଁ ଆବେଦନ

ଭୁବନେଶ୍ୱର,୧୭/୦୮ (ନି.ପ୍ର): ଯୁକ୍ତ ୩ ନାମଲେଖା ପାଇଁ ଆସନ୍ତା ଅଗଷ୍ଟ ୨୦ ତାରିଖରୁ ଆବେଦନ ଆରମ୍ଭ ହେବ। ଏନେଇ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଅଗଷ୍ଟ ୨୦ ତାରିଖ ସକାଳ ୧୧ଟାରୁ ଛାତ୍ରଛାତ୍ରୀମାନେ ଅନଲାଇନ୍ ଆବେଦନ କରିପାରିବେ। ସେପ୍ଟେମ୍ବର ୪ ତାରିଖ ରାତି ୧୧ଟା ୪୫ ମିନିଟ୍ ଯାଏଁ ଆବେଦନ କରିହେବ। ଡବ୍ଲୁଡବ୍ଲୁଡବ୍ଲୁ ଡଟ୍ ଡିଏଚଇ ଡଟ୍ ଓଡିଶା ଡଟ୍ ଜିଓଭି ଡଟ୍ ଇନ୍ ଓ ଡବ୍ଲୁଡବ୍ଲୁଡବ୍ଲୁ ଡଟ୍ ସାମସ୍ ଓଡିଶା ଡଟ୍ ଜିଓଭି ଡଟ୍ ଇନ୍ ରେ ଲଗଇନ୍ କରି ଆବେଦନ କରିହେବ। ସେପ୍ଟେମ୍ବର ୯ ତାରିଖ ସକାଳ ୧୧ଟାରେ ପ୍ରଥମ ମେରିଟ୍ ଲିଷ୍ଟ ପ୍ରକାଶ ପାଇବ। ସେପ୍ଟେମ୍ବର ୯ରୁ ୧୪ ତାରିଖ ରାତି ୧୧ଟା ୪୫ ମିନିଟ୍ ଯାଏଁ ଯାଏଁ ସାମ୍ବ ପୋର୍ଟାଲରେ ଅନଲାଇନ୍ ଫି ଦାଖଲ କରିପାରିବେ ଛାତ୍ରଛାତ୍ରୀ। ଏହାପରେ ପ୍ରଥମ ପର୍ଯ୍ୟାୟର ଆଡମିଶନ୍ ପ୍ରକ୍ରିୟା ସେପ୍ଟେମ୍ବର ୧୬ ତାରିଖରେ ଶେଷ ହେବା ସେହିପରି ସେପ୍ଟେମ୍ବର ୨୧ରେ ଦ୍ୱିତୀୟ ମେରିଟ୍ ଲିଷ୍ଟ ପ୍ରକାଶ ପାଇବ। ଦ୍ୱିତୀୟ ମେରିଟ୍ ଲିଷ୍ଟରେ ଯେଉଁ ଛାତ୍ରଛାତ୍ରୀମାନଙ୍କ ନାମ ଥିବ, ସେମାନେ ୨୧ରୁ ୨୪ ତାରିଖ ମଧ୍ୟରେ ସାମ୍ବ ପୋର୍ଟାଲ୍ ମାଧ୍ୟମରେ ଅନ୍‌ଲାଇନ୍ ରେ ଆଡ୍‌ମିଶନ୍ ଫି' ଦାଖଲ କରିବେ।

୨ କୋଟି ଟଙ୍କାର ବ୍ରାଉନ୍ ସୁଗର୍ ଜବତ

ଜଳେଶ୍ୱର,୧୭/୦୮ (ନି.ପ୍ର): ଧଳା ଜହରର କଳା ବେପାର ମହିଳା ସାଜିଛନ୍ତି କିଙ୍ଗ୍ ପିନ। ଆଜି ଜଳେଶ୍ୱର ରାଜପୁର ବସ୍ତି ଅବକାରୀ ଓ ଜଳେଶ୍ୱର ପୁଲିସ ମିଳିତ ଭାବେ ଚଢ଼ାଉ କରିଛନ୍ତି। ଜଳେଶ୍ୱର ଏସଡିପିଓ ଅଙ୍କିତା କୁମ୍ଭାରି ଏବଂ ଆଇଆଇସି ପ୍ରଜ୍ଞା ମହାନ୍ତିଙ୍କ ନେତୃତ୍ୱରେ ଏକ ୨୦ ଜଣିଆ ଟିମ ଚଢାଉ କରି ପାଖା ପାଖି ୨ କେଜି ଗ୍ରାମ ବ୍ରାଉନ ସୁଗାର ଜବତ କରିଛନ୍ତି ଯାହାର ଆନୁମାନିକ ମୂଲ୍ୟ ୨ କୋଟି ଟଙ୍କା ହେବ ବଲି ଜଣା ପଡିଛି। ତେବେ ଦିନକୁ ଦିନ ଜଳେଶ୍ୱରରେ ଧଳା ଜହର ବଢି ଚାଲିଥିବା ବେଳେ ନୂତନ ଭାବେ ▶▶ପୃଷ୍ଠା ୭

ଦ୍ୱିତୀୟ ଲହର ସମ୍ପୂର୍ଣ୍ଣ ସରିନି : ଡିଏମଇଟି

ଭୁବନେଶ୍ୱର,୧୭/୦୮ (ନି.ପ୍ର): ରାଜ୍ୟରେ ସଂକ୍ରମଣ ନିମ୍ନଗାମୀ ହେଉଛି। ଦ୍ୱିତୀୟ ଲହର ସରିଆସୁଛି, କିନ୍ତୁ ସମ୍ପୂର୍ଣ୍ଣ ସରିନି ବୋଲି ଡିଏମଇଟି ନିର୍ଦ୍ଦେଶକ ସି.ବି.କେ ମହାନ୍ତି କହିଛନ୍ତି। ସେ ଆହୁରି କହିଛନ୍ତି ଯେ ପିଆଇବି ରିପୋର୍ଟ ଅନୁସାରେ ଶିଶୁଙ୍କ ସଂକ୍ରମଣ ୧୨ପ୍ରତିଶତ ପାଖାପାଖି ରହୁଛି। ଯେହେତୁ ଯୁବଗୋଷ୍ଠୀ ଓ ବୟସ୍କ ବର୍ଗ ସଂକ୍ରମିତ ହୋଇସାରିଛନ୍ତି ବା ଟିକା ନେଇସାରିଛନ୍ତି ସେଥିପାଇଁ ଶିଶୁଙ୍କୁ ଅଧିକ ସଂକ୍ରମଣର ଆଶଙ୍କା ରହୁଛି। ଶିଶୁ ସଂକ୍ରମଣ ତଥ୍ୟ ଉପରେ ସପ୍ତାହେ ନଜର ରଖିବା ପରେ ସ୍ଥିତି କେମିତି ଅଛି ଜଣାପଡ଼ିବ। ତେବେ ଶିଶୁ ଗୁରୁତର ହେବା ବହୁତ କମ ରହିଛି। ପ୍ରଥମ ଓ ଦ୍ୱିତୀୟ ଲହରରେ ଯେଉଁ ପଦକ୍ଷେପ ନିଆଯାଇଥିଲା, ତୃତୀୟ ଲହରରେ ବି ସମାନ ପଦକ୍ଷେପ ନିଆଯିବ। ଶିଶୁଙ୍କ ସୁରକ୍ଷା ଲାଗି ଅଧିକ ବ୍ୟବସ୍ଥା କରାଯାଇଛି। ଅପରପକ୍ଷରେ କଟକ ଏସସିବି ମେଡିକାଲରେ ଇକମୋ ମେସିନ ଇନଷ୍ଟଲେସନ ଚୂଡାନ୍ତ ପର୍ଯ୍ୟାୟରେ ପହଂଚିଛି। ଭଲ ଭାବେ ପରୀକ୍ଷା କରାଯିବା ପରେ ମେସିନ କାର୍ଯ୍ୟକ୍ଷମ ହେବ।

ଓଡିଶା ଛୁଇଁଲା ଲଘୁଚାପ, ୨ ଦିନ ପ୍ରବଳ ବର୍ଷା ସମ୍ଭାବନା

ଭୁବନେଶ୍ୱର,୧୭/୦୮ (ନି.ପ୍ର): ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗରରେ ଗତକାଲି ସୃଷ୍ଟି ହୋଇଥିବା ଲଘୁଚାପ ଆଜି ଓଡ଼ିଶା ଉପକୂଳ ସ୍ପର୍ଶ କରିଛି । ଏହାର ପ୍ରଭାବରେ ଗତ କାଲି ରାତିଠାରୁ ଦକ୍ଷିଣ ଓଡ଼ିଶାର ଅଧିକାଂଶ ସ୍ଥାନ ଓ ଉପକୂଳ ଓଡ଼ିଶାର କେତେକ ସ୍ଥାନରେ ସାମାନ୍ୟରୁ ମଧ୍ୟମ ଧରଣର ବର୍ଷା ରେକର୍ଡ କରାଯାଇଛି। ଲଘୁଚାପ ପ୍ରଭାବରେ ଆସନ୍ତା ୨୪ ଘଂଟା ମଧ୍ୟରେ ରାଜ୍ୟର ଅନେକ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସମ୍ଭାବନା ଥିବା ନେଇ ଭୁବନେଶ୍ୱର ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଗଞ୍ଜାମ, ନୟାଗଡ଼, ଖୋର୍ଦ୍ଧା, କଟକ, କନ୍ଧମାଳ, ମାଲକାନଗିରି, କୋରାପୁଟ, ଜଗତସିଂହପୁର, ମୟୂରଭଞ୍ଜ ଓ କେନ୍ଦ୍ରାପଡ଼ା ଆଦି ଜିଲ୍ଲାର ଗୋଟିଏ ଦୁଇଟିସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସମ୍ଭାବନାରହିଛି। ଏହି ସମୟ ମଧ୍ୟରେ ପୁରୀ, ବୌଦ୍ଧ, ଯାଜପୁର, ଭଦ୍ରକ, ଢ଼େଙ୍କାନାଳ, କେନ୍ଦୁଝର, ରାୟଗଡ଼ା, ଗଜପତି, ବାଲେଶ୍ୱର, ନୂଆପଡ଼ା, ନବରଙ୍ଗପୁର, ଅନୁଗୁଳ ଓ କଳାହାଣ୍ଡି ଆଦି ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ଏହି ଜିଲ୍ଲାଗୁଡ଼ିକୁ ପାଣିପାଗ କେନ୍ଦ୍ର ପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ୧୮ରୁ ୧୯ ତାରିଖ ମଧ୍ୟରେ ବରଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼, ସମ୍ବଲପୁର, ଦେବଗଡ଼, କେନ୍ଦୁଝର, ସୁବର୍ଣ୍ଣପୁର, ଅନୁଗୁଳ, ନୂଆପଡ଼ା ଓ ବଲାଙ୍ଗୀର ଆଦି ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ଏଥିପାଇଁ ଉକ୍ତ ଜିଲ୍ଲାଗୁଡ଼ିକୁ ବି ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

ତାଲିବାନର କାବୁଲ ଦଖଲ ପରେ ପ୍ରତିକ୍ରିୟା ରଖିଲା ରଷ

ନୂଆଦିଲ୍ଲୀ,୧୭/୦୮: ସାରା ବିଶ୍ୱ ଦେଖୁଛି ଆଫଗାନିସ୍ତାନରେ ତାଲିବାନର ଆତଙ୍କ । ଆମେରିକା ସେନା ପ୍ରତ୍ୟାହାର ପରେ ତାଲିବାନ ସମ୍ପୂର୍ଣ୍ଣ ଭାବେ ଆଫଗାନିସ୍ତାନ ଉପରେ ନିଜ କବଜା କରିଛି । ଏହାରି ଭିତରେ ଆଫଗାନିସ୍ତାନ ପରିସ୍ଥିତି ନେଇ ପ୍ରତିକ୍ରିୟା ରଖିଛି ରଷିଆ । ତାଲିବାନୀଙ୍କୁ ସପକ୍ଷରେ ମତ ରଖିଛନ୍ତି ରଷିଆ ରାଷ୍ଟ୍ରଦୂତ ଦିମିତ୍ରୀ ଜିରନୋବ । ସେ କହିଛନ୍ତି, "ତାଲିବାନ ରାଜୁତିରେ ଅଧିକ ସୁରକ୍ଷିତ ରହିବ କାବୁଲ । ତାଲିବାନ କବଜାର ୨୪ ଘଣ୍ଟାରେ ଯେପରି ସ୍ଥିତି ଦେଖିବାକୁ ମିଳିଛି, ସେଥିରୁ ଲାଗୁଛି କାବୁଲ ପୂର୍ବ ସରକାର ଅପେକ୍ଷା ଅଧିକ ସୁରକ୍ଷିତ ।" ସେପଟେ ଆଫଗାନିସ୍ତାନ ପରିସ୍ଥିତି ନେଇ ଆମେରିକାକୁ ଦାୟୀ କରିଛି ଚୀନ୍ । ଆଫଗାନିସ୍ତାନରେ ତାଲିବାନର ଦଖଲ ପରେ ପ୍ରତିକ୍ରିୟା ରଖି ସମଗ୍ର ଘଟଣା ପାଇଁ ଆମେରିକାକୁ ଦାୟୀ କରିଛି ବେଜିଂ । ତେବେ ଆମେରିକା ସହ ମିଶି କାମ କରିବାକୁ ଇଚ୍ଛୁକ ବୋଲି ଜାରି କରିଛି ବୟାନ । ଏହାସହ ଆଫଗାନିସ୍ତାନ ପୁଣି ଥରେ ଆତଙ୍କବାଦର ଚରାଭୂଇଁ ନହେଉ ବୋଲି ସତର୍କ କରାଇଛି ଚୀନ୍ । କେବଳ ରଷ ଓ ଚୀନ ନୁହେଁ । ତାଲିବାନକୁ ମୂଳରୁ ସହଯୋଗ କରି ଆସୁଛି ପାକିସ୍ତାନ । ଆଫଗାନିସ୍ତାନକୁ ନେଇ ଇମ୍ରାନ ଖାନ କହିଛନ୍ତି, "ଶେଷରେ ଦାସତ୍ୱ ଶିକୁଳି ଭାଙ୍ଗିଛି । ଆଗକୁ ତାଲିବାନ ସହ ମିଶି ▶▶ପୃଷ୍ଠା ୭

SAI SADHANA
SCIENCE HIGHER SECONDRY SCHOOL (+2)
At- Dibyasingpur, Udala, Dist.-Mayurbhanj, Pin-757041
OUR CHSE TOPPER -2021
+2SC.ADMISSION GOING ON-2021
100% RESULT/ YEAR IN CHSE-2021

541
(90.2%)
ANMESH MOHANTY
STUDENTS SCORED 80% ABOVE

ITISHREE NAYAK 538 (89.7%) | MONALISA KAR 519 (86.5%) | ASHOK KU. SAHU 517 (86.2%) | NIHAR RANJAN NAIK 512 (85.3%) | DEBALINA MISHRA 508 (84.7%) | DEBASISH BISWAL 503 (83.8%) | BHAGYASHREE BEHERA 487 (81.2%)
STUDENTS SCORED 75% ABOVE

ASHOK BEHERA 477 (79.5%) | LIZARANI BEHERA 476 (79.3%) | DIBYAPRAKASH GIRI 475 (79.2%) | DEEPANJALI MOHAPATRA 473 (78.8%) | SABITA PATRA 463 (77.2%) | SATYABRATA GIRI 471 (78.5%) | SUBHAM SARDAR 451 (75.2%)
- Concession for ST/SC students for Admission
- Concession for poor general students for Admission
- Boys & Girls Hostel facility inside own campus
- Experienced, knowledgeable and dedicated faculties

ସାଇ ସାଧନା ଶିକ୍ଷାନୁଷ୍ଠାନ ଛାତ୍ରଛାତ୍ରୀମାନଙ୍କର ଭବିଷ୍ୟତ ଗଠନ କରିବାର ଏକମାତ୍ର ନିର୍ଭର ଯୋଗ୍ୟ ଅନୁଷ୍ଠାନ । ବିଗତ ଦିନମାନଙ୍କରେ ଶିକ୍ଷାକ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିପାରିଥିବା ଅନୁଷ୍ଠାନ, ଏହା ନିଃସନ୍ଦେହରେ କୁହାଯାଇପାରିବ।
-ଚେୟାରମ୍ୟାନ୍: ପୂର୍ଣ୍ଣଚନ୍ଦ୍ର ବିନ୍ଧାଣି
9437294587, 9437443950, 9937557158, 9438232419, 9438317887
Thanking You SAI SADHANA GROUP OF INSTITUTIONS Dibyasingpur, Udala, Mayurbhanj

ଭଦ୍ରକ ମହାବିଦ୍ୟାଳୟର ୭୫ ତମ ବାର୍ଷୀକ ଉତ୍ସବ ପାଇଁ ବ୍ୟାପକ ପ୍ରସ୍ତୁତି

ଭଦ୍ରକ,୧୭/୮ (ନି.ପ୍ର): ୭୫ ତମ ସ୍ୱାଧିନତା ଦିବସ ଅବସରରେ ରାଜ୍ୟର ଦ୍ୱିତୀୟ ସର୍ବ ପୁରାତନ ଭଦ୍ରକ ମହାବିଦ୍ୟାଳୟର ହୀରକ ଜୟନ୍ତୀ ପାଳନ ପାଇଁ ପାଇଁ ଏକ ପ୍ରସ୍ତୁତି ବୈଠକ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ହୀରକ ଜୟନ୍ତୀ ଉତ୍ସବକୁ ଐତିହାସିକ ଓ ସ୍ମରଣୀୟ କରିବା ନିମନ୍ତେ ୩ଶହରୁ ଉର୍ଦ୍ଧ୍ୱ ପ୍ରାକ୍ତନ ଓ ବର୍ତ୍ତମାନର ଛାତ୍ରଛାତ୍ରୀଙ୍କ ଠାରୁ ବିଭିନ୍ନ ପରାମର୍ଶ ଲୋଡ଼ାଯାଇଥିଲା । ଏହି ବୈଠକରେ ୫୦ ବର୍ଷ ତଳର ପୁରୁଣା ଛାତ୍ରମାନେ ମଧ୍ୟ ଉପସ୍ଥିତ ଥିଲେ । ପ୍ରାକ୍ତନ ଛାତ୍ର ତଥା ଯୁବନେତା ରାକେଶ ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା ପାଇଁ ଜ୍ୟୋତିପ୍ରକାଶ ମହାନ୍ତିଙ୍କ ନାମ ପ୍ରସ୍ତାବ ରଖିଥିଲେ । ସେହି ଅନୁଯାୟୀ ଶ୍ରୀ ମହାନ୍ତିଙ୍କ ସଂଯୋଜନାରେ ଅନୁଷ୍ଠିତ ଉକ୍ତ ବୈଠକକୁ ସୁଧିର ଦ୍ୱିବେଦୀ, ପ୍ରକାଶଜ୍ୟୋତି ମହାକୁଡ଼, ଧର୍ମେନ୍ଦ୍ର ମଲ୍ଲିକ, ମାନସ ସାହୁ, ଅକ୍ଷୟ ଦାସ, ଅଂଶୁମାନ ମହାନ୍ତି, ଅଭିଷେକ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । ଏହି ବୈଠକରେ ଆଗାମୀ ହୀରକ ଜୟନ୍ତୀ ପାଳନ ଉଦ୍ଦେଶ୍ୟରେ ଦୀର୍ଘ ମିଆଦି କାର୍ଯ୍ୟସୂଚୀ ସମ୍ପର୍କରେ ଆଲୋଚନାରେ ଉପସ୍ଥିତ ଶତାଧିକ ପ୍ରାକ୍ତନ ଛାତ୍ର ଅଂଶ ଗ୍ରହଣ କରିଥିଲେ । ଏହି ଅବସରରେ ରାଜ୍ୟ, ରାଜ୍ୟ ବାହାର ଓ ଦେଶ ବାହାରେ ଥିବା ଯେଉଁ ଇଚ୍ଛୁକ ପ୍ରାକ୍ତନ ଛାତ୍ରମାନେ ବୈଠକରେ ଯୋଗ ଦେଇ ପାରିନାହାନ୍ତି, ସେମାନଙ୍କୁ ଖୁବଶୀଘ୍ର ଭର୍ଚୁଆଲ ମାଧ୍ୟମରେ, ଏହି ସ୍ମରଣୀୟ କାର୍ଯ୍ୟକ୍ରମରେ ଯୋଡ଼ିବା ସହ ସେମାନଙ୍କ ଗଠନମୂଳକ ପ୍ରସ୍ତାବ ସମ୍ପର୍କରେ ଆଲୋଚନା କରିବାକୁ ନିଷ୍ପତି ନିଆଯାଇଥିଲା । ଏହି ହୀରକ ଜୟନ୍ତୀ ଦୀର୍ଘ ୫ଦିନ ଧରି ପାଳିତ ହେବାକୁ ଥିବାବେଳେ, ଏହି କାର୍ଯ୍ୟକ୍ରମକୁ ସଫଳ କରିବା ଉଦ୍ଦେଶ୍ୟରେ ୭୫ ହଜାର ପୁରାତନ ଛାତ୍ରଙ୍କୁ ଜୋଡ଼ିବାକୁ ବିଭିନ୍ନ ମାଧ୍ୟମରେ ଯୋଗଯୋଗ କରିବାକୁ ଚେଷ୍ଟା କରଯିବାକୁ ନିଷ୍ପତି ଗ୍ରହଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ମଧ୍ୟରେ ଯୁବ ମହୋତ୍ସବ ପାଇଁ ରାଜ୍ୟ ଓ ତଥା ରାଜ୍ୟ ବାହାରର ବିଭିନ୍ନ ବିଶ୍ୱବିଦ୍ୟାଳୟସ୍ତରର ଛାତ୍ରଛାତ୍ରୀମାନଙ୍କୁ ସାମିଲ କରିବାକୁ ପ୍ରସ୍ତାବ ଗୃହୀତ ହୋଇଥିଲା । ମହାବିଦ୍ୟାଳୟର ବହୁ ପୁରାତନ ଛାତ୍ର ଦେଶ ଓ ଦେଶ ବାହାରେ ବିଭିନ୍ନ ଉଚ୍ଚ ପଦବପବୀରେ ଥିବା ସମୟରେ ବା ଥିଲେ ଓ ଯେଉଁମାନେ, ଏହି କାର୍ଯ୍ୟକ୍ରମକୁ ସଫଳ କରିବାକୁ ସଫଳ କରିବାକୁ ଚାହୁଁଛନ୍ତି ସେମାନଙ୍କ ପ୍ରସ୍ତାବ ରଖାଯାଇଥିଲା । ପୁରାତନ ଛାତ୍ର ସଂସଦର ସଭାପତି ଓ ସଂପାଦକଙ୍କୁ ବିଭିନ୍ନ କମିଟିରେ ସ୍ଥନୀତ କରିବାକୁ ମଧ୍ୟ ନିଷ୍ପତି ଗ୍ରହଣ କରାଯାଇଥିଲା ।

ଆଗାମୀ ଦିନରେ ଏହି କାର୍ଯ୍ୟକ୍ରମକୁ ଆଗେଇ ନେବାକୁ ପୂର୍ବରୁ ପୁରାତନ ଛାତ୍ର ସଂସଦ ପକ୍ଷରୁ ଭଦ୍ରକ ବିଧାୟକ ସଂଜୀବ ମଲ୍ଲିକଙ୍କୁ ଆଭ୍ୟର୍ଥନା କମିଟିର ଅଧ୍ୟକ୍ଷ କରାଯିବା ପ୍ରସ୍ତାବକୁ ସର୍ବସମ୍ମତିକ୍ରମେ ଗ୍ରହଣ କରାଯାଇଥିଲା । ଅନୁରୂପ ପ୍ରତ୍ୟେକ କମିଟିରେ ମହାବିଦ୍ୟାଳୟର ଅଧ୍ୟକ୍ଷ ସଂପାଦକ ରହିବେ ବୋଲି ସର୍ବସମ୍ମତ ନିଷ୍ପତି ଗ୍ରହଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଗଠିତ ହେବାକୁ ଥିବା ସମସ୍ତ କମିଟିରେ ପୁରାତନ ଛାତ୍ର ତଥା ରାଜ୍ୟ ଖାଦ୍ୟ ଯୋଗାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ସାଂସଦ ମଞ୍ଜୁଲତା ମଣ୍ଡଳ, ବିରୋଧୀ ଦଳର ଉପନେତା ତଥା ପ୍ରାକ୍ତନ ଛାତ୍ର ବିଷ୍ଣୁ ସେଠୀ, ବିଧାୟକ ପ୍ରଫୁଲ୍ଲ ସାମଲ, ଭଦ୍ରକ ବିଧାୟକ ସଂଜୀବ ମଲ୍ଲିକ, ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାଏ, ବିଷ୍ଣୁବ୍ରତ ରାଉତରାୟ, ପ୍ରାକ୍ତନ ମନ୍ତ୍ରୀ ମନେମୋହନ ସାମଲ, ପ୍ରାକ୍ତନ ଛାତ୍ର ତଥା ମନ୍ତ୍ରୀ ପ୍ରଫୁଲ୍ଲ ଘଡେଇ, ପ୍ରାକ୍ତନ ବିଧାୟକ ପ୍ରଭାତ ତ୍ରିପାଠୀ, ମୁକ୍ତିକାନ୍ତ ମଣ୍ଡଳ, ନରେନ ପଲେଇ, ଯୁଗଳ କିଶୋର ପଟ୍ଟନାୟକ, ଭଦ୍ରକ ଜିଲ୍ଲାପାଳ, ଏସପି, ପ୍ରାକ୍ତନ ସେବାନିବୃତ ବରିଷ୍ଠ ପ୍ରଶାସକ ହୃଶିକେଶ ପଣ୍ଡା, ରବି ସେନାପତି, ବିଜୟ ନାୟକ, ଦିଗମ୍ବର ମହାନ୍ତି ପ୍ରମୁଖଙ୍କୁ କମିଟିରେ ସାମିଲ କରିବାକୁ ପ୍ରସ୍ତାବ ଗୃହୀତ ହୋଇଥିଲା । ଏହି ବୈଠକରେ ଭଦ୍ରକର ବହୁ ପ୍ରତିଷ୍ଠିତ ବ୍ୟକ୍ତି ଯୋଗ ଦେଇଥିଲେ । ସେମାନଙ୍କ ମଧ୍ୟରେ ଡା. ପ୍ରଦୀପ ନାୟକ, ନଳିନୀ ମହାନ୍ତି, ଡା. ପ୍ରଭାସ ମହାନ୍ତି, ଲକ୍ଷ୍ମୀକାନ୍ତ ମହପାତ୍ର, ଲଲାଟେନ୍ଦୁ ମହାନ୍ତି, ଅଭୟ ଦ୍ୱିବେଦୀ, ଆଇନଜୀବୀ ଶ୍ୟାମସୁନ୍ଦର ଦାସ, ପବନ ଶର୍ମା, ଅରୁଣ ଚାନ୍ଦ, କଲ୍ୟାଣ ଚାନ୍ଦ, ତାହେର ମହମ୍ମଦ, ବିଷ୍ଣୁମୋହନ ମହାପାତ୍ର, ହିମାଂଶୁ ମହାନ୍ତି, ସୂର୍ଯ୍ୟ ମହାନ୍ତି, ଅଶୋକ ନାୟକ, ପ୍ରାଧାପକ ବିଜୟ ଜେନା, ଶିଳ୍ପପତି ବିଶ୍ୱନାଥ ଅଗ୍ରୱାଲ, ବିଜୟ ପତି, କଲ୍ଲୋଳ ଲେଙ୍କା, ମିହିର ଚାନ୍ଦ, ବଳାରାମ ରାଉତ୍, ପ୍ରଫୁଲ୍ଲ ପୃଷ୍ଟି, ଜିବିତେଶ ପଣ୍ଡା, ସମୀର ସ୍ୱାଇଁ, ମୋ କଲେଜ ଅଭିଯାନର ନିର୍ମାଲ୍ୟ ମହାକୁଡ, ରାକେଶ ନାୟକ, ଲକ୍ଷ୍ମୀଧର ବିଶ୍ୱାଳ, ନରେଶ ଜେନା, ଅମ୍ବିକା ଦାସ, ଦୀପକ ବେହେରା, ସତ୍ୟ ମହାନ୍ତି, ସୌମ୍ୟରଂଜନ ବାରିକ, ଅରୁଣ ବାରିକ, ଜ୍ଞାନ ରଂଜନ ମହାନ୍ତି, ଅମିତାଂଶୁ କିର୍ତ୍ତିମାନ, ଅଶିତ ସ୍ୱାଇଁ, ଜୟପ୍ରକାଶ ନାୟକ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଶେଷରେ ମହାବିଦ୍ୟାଳୟର ପ୍ରାକ୍ତନ ସାଧାରଣ ସଂପାଦକ ବିଜୟ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

ଇନ୍ଦ୍ରାବତୀ ଉପୂତି ସ୍ଥଳୀର ପାରିପାର୍ଶ୍ୱିକ ବିକାଶ ନେଇ ନକ୍ସା ପ୍ରସ୍ତୁତି କଲେ ଯନ୍ତ୍ରୀ

ଭବାନୀପାଟଣା,୧୭/୮ (ନି.ପ୍ର): କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ ଇନ୍ଦ୍ରାବତୀ ବହୁମୁଖୀ ଜଳବିଦ୍ୟୁତ ପ୍ରକଳ୍ପ ଯୋଗୁଁ ଆଜି କଳାହାଣ୍ଡି ଜିଲ୍ଲା ଏକ ଭାତହାଣ୍ଡି ଭାବରେ ରାଜ୍ୟ ତଥା ସମଗ୍ର ଭାରତ ବର୍ଷରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି । ଏପରିକି ବିଶ୍ୱରେ ପରିଚୟ ପାଇଛି । ବଦଳିଛି କଳାହାଣ୍ଡିର ଭାଗ୍ୟ । କିନ୍ତୁ ଦୁର୍ଭାଗ୍ୟ ଯେ, ଆଜିବି ଅବହେଳିତ ଅବସ୍ଥାରେ ପଡିରହିଛି ବିଶ୍ୱ ପରିଚିତ ଇନ୍ଦ୍ରାବତୀ ବହୁମୁଖୀ ଜଳବିଦ୍ୟୁତ ପ୍ରକଳ୍ପର ଜନ୍ମଦାତ୍ରୀ । ଥୁଆମୂଳ ରାମପୁର ବ୍ଲକ ମର୍ଦ୍ଦିଗୁଡା ଗ୍ରାମରେ ଥିବା ଇନ୍ଦ୍ରାବତୀର ଉପୂତି ସ୍ଥଳୀ, ଏହାକୁ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ଦେବା ଓ ଏହାର ବିକାଶ ପାଇଁ ଅଂଚଳ ବାସୀ ଦୀର୍ଘ ଦିନରୁ ଦାବି କରିଆସୁଛନ୍ତି, ଗତ ଜାନୁଆରୀ ୧୪ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କଳାହାଣ୍ଡି ଗସ୍ତରେ ଆସି ଅନେକ ପ୍ରକଳ୍ପର ଶୁଭ ଉଦ୍ଘାଟନ କରିଛନ୍ତି । ଏହି ସମୟରେ ମୁଖ୍ୟମନ୍ତ୍ରୀ ଇନ୍ଦ୍ରାବତୀକୁ ଇନ୍ଦ୍ରାବତୀ ମାଆ ସମ୍ବୋଧନ କରି ଉପୂତି ସ୍ଥଳୀ ଠାରେ ଏକ ଇନ୍ଦ୍ରାବତୀ ମନ୍ଦିର ନିର୍ମାଣର ପରିକଳ୍ପନା କରିଥିଲେ । ଏହାକୁ ସାକାର କରିବାକୁ ଯାଇ ଲାଞ୍ଜିଗଡ ବିଧାୟକ ପ୍ରଦୀପ ଦିଶାରୀ ଓ ଶକ୍ତି ଓ ଗୃହ ରାଷ୍ଟ୍ର ମନ୍ତ୍ରୀ କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ର ପରିଦର୍ଶନ କରି ନୂତନ ଭାବରେ ରୂପରେଖର ପରିବର୍ତନ ବ୍ୟବସ୍ଥା ନେଇ ଅନୁଧ୍ୟାନ କରିଥିଲେ । ସାଥିରେ ସ୍ଥାନୀୟ ତହସିଲଦାର ବିନୟ କୁମାର ଭୋଇ ଯାଇ ପ୍ରକଳ୍ପ ପାଇଁ ଆବଶ୍ୟକୀୟ ସହଯୋଗ କରିଥିଲେ । ଯାହା କି ଆଜି ବାସ୍ତବରେ ନୂତନ ଭାବରେ ରୂପରେଖ ବଦଳିବାକୁ ଯାଉଛି । ମନ୍ତ୍ରୀ ଶ୍ରୀ ମିଶ୍ର ଓ ବିଧାୟକ ଶ୍ରୀ ଦିଶାରୀଙ୍କ ପ୍ରଚେଷ୍ଟାରେ ଥୁଆମୂଳ ରାମପୁର ବ୍ଲକର ସହକାରୀ ଯନ୍ତ୍ରୀ ବାଞ୍ଛାବଟ ପାଣ୍ଡେ ଓ କନିଷ୍ଠ ଯନ୍ତ୍ରୀ ଦଶରଥ ମାଝୀ ମର୍ଦ୍ଦିଗୁଡା ସ୍ଥିତ ଇନ୍ଦ୍ରାବତୀର ଉପୂତି ସ୍ଥଳୀକୁ ପହଂଚି ଏହାର ନକ୍ସା ପ୍ରସ୍ତୁତ କରିଛନ୍ତି । ଯାହା ବିଧାୟକ ଓ ମନ୍ତ୍ରୀଙ୍କ ଜରିଆରେ ରାଜ୍ୟ ସରକାରଙ୍କୁ ପ୍ରଦାନ କରିବେ ବୋଲି ସୂଚନା ଦେଇଥିବା ଖବର ମିଳିଛି । ଅଂଚଳ ବାସୀ ଦିର୍ଘ ଦିନର ସ୍ୱପ୍ନ ପୂରଣ ହେବ ବୋଲି ଆଶା ବାନ୍ଧିଥିବା ବେଳେ ଏହି ପ୍ରକଳ୍ପ ତୁରନ୍ତ କାର୍ଯ୍ୟକାରୀ କରାଯିବା ନେଇ ପ୍ରଶାସନକୁ ନିବେଦନ କରିଛନ୍ତି । ହେଲେ ଆଗକୁ ଆସୁଥିବା ପଚାଂୟତ ନିର୍ବାଚନ ପୂର୍ବରୁ ଏହି ପ୍ରକଳ୍ପ ଆରମ୍ଭ କରିବାକୁ ସ୍ଥାନୀୟ ଲୋକଙ୍କ ପକ୍ଷରୁ ଦାବି ହେଉଅଛି ।

କୋଭିଡ ସଚେତନତା ରଥ ଶୁଭାରମ୍ଭ

ଜୟପୁର ,୧୭/୮ (ନି.ପ୍ର): କୋଭିଡ ସଚେତନତା ରଥର ଶୁଭାରମ୍ଭ ହୋଇଛି । ଜୟପୁର ଉପ ଜିଲାପାଳ କାର୍ଯ୍ୟାଳୟରେ ଏହି ରଥ ଶୁଭାରମ୍ଭ ହୋଇଛି । ଜୟପୁର ଉପ ଜିଲାପାଳ ହେମକାନ୍ତ ସାୟ ସବୁଜ ପତକା ଦେଖାଇ ଶୁଭାରମ୍ଭ କରିଛନ୍ତି । ଏହି ସଚେତନତା ରଥ ୧୬ ତାରିଖ ଠାରୁ ୨୦ ତାରିଖ ଯାଏ ୫ ଦିନ ଧରି କୋରାପୁଟ ଜିଲା ଏବଂ ମାଲକାନଗିରି ଜିଲାର ବିଭିନ୍ନ ଗ୍ରାମିଣ ଅଂଚଳରେ କୋଭିଡ ୧୯ ଟିକାର ଆବଶ୍ୟକତା ଏବଂ ସୁଫଳ ଉପରେ ଟିକା ନେବା କୁ ଅନିଚ୍ଛା ପ୍ରକାଶ କରୁଥିବା ଲୋକଙ୍କୁ ଗ୍ରାମାଂଚଳରେ ଏହି ରଥ ଯାଏ ସଚେତନ କରିବ । ଏହା ସଙ୍ଗେ ସଙ୍ଗେ ସାମିଜିକ ଗଣ ମାଧ୍ୟମରେ ଯେଉଁ ଭଳି କୋଭିଡ ଟିକା କୁ ନେଇ ବିଭିନ୍ନ ଗୁଜବ ମାନ ପ୍ରଚାର ହେଉଛି ସେଥି ପ୍ରତି ଦୃଷ୍ଟି ନ ଦେଇ ସନ୍ଦେହ ହେଲେ ଡାକ୍ତରଙ୍କ ପରାମର୍ଶ ନେବାକୁ ଏହି ଭ୍ରାମମାଣ ରଥ ମାଧ୍ୟମରେ ଗ୍ରାମବାସୀଙ୍କୁ ସଚେତନ କରାଯିବ । ଗୁଜୁବ ଯେଗୁଁ ଟିକା ନେବା ପାଇଂ ଅନିଚ୍ଛା ପ୍ରକାଶ କରୁଥିବା ଲୋକଙ୍କୁ ସଚେତନ କରିବ ଏହି ରଥ । ଟିକାର ଉପକାରିତା, ଆବଷ୍ୟକତା ଏବଂ ସୁଫଳ ବିଷୟରେ ଲୋକଙ୍କୁ ସଚେତନ କରିବ । ଶୁଭାରମ୍ଭର ସମୟରେ ଏସଡିପିଆରଓ ପିତବାସ ବିଶ୍ୱାଳ, କ୍ଷେତ୍ର ଜନ ସମ୍ପର୍କ ଅଧିକାରି ଜ୍ୟୋତି ରଞ୍ଜନ ପଟ୍ଟନାୟକ , ଜିତେନ୍ଦ୍ର କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

ଆସନ୍ତା ୨୦ ତାରିଖରେ କୋରାପୁଟ ଗସ୍ତରେ କେନ୍ଦ୍ର ମନ୍ତ୍ରୀ ଅଶ୍ୱିନ ବୈଷ୍ଣବ

ଜୟପୁର,୧୭/୮ (ନି.ପ୍ର): ଆସନ୍ତା ୨୦ ତାରିଖରେ କୋରାପୁଟ ଗସ୍ତରେ କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନ ବୈଷ୍ଣବ । ଏନେଇ ଜୟପୁର ବିଜେପି କାର୍ଯ୍ୟାଳୟରେ ମନ୍ତ୍ରୀ ଙ୍କ କାର୍ଯ୍ୟ କ୍ରମ ଉପରେ ସୁଚନା ଦେଇଥିଲ । ବିଜେପିର ନେତା ଗୌତମ ସାମନ୍ତରାୟ ଏକ ସାମ୍ବାଦିକ ସମ୍ମିଳନି ଆୟୋଜନ କରି ସୁଚନା ଦେଇ କହିଛନ୍ତି ଯେ ଜନ ଆଶୀବାଦ ଯାତ୍ରାରେ କେନ୍ଦ୍ର ମନ୍ତ୍ରୀ କୋରାପୁଟ ଜିଲା ଗସ୍ତରେ ଆସୁଛନ୍ତି । ରେଳ ମନ୍ତ୍ରୀ ଟ୍ରେନ ଯୋଗେ ରାୟଗଡା ଆସିବେ । ୨୦ ତାରିଖରେ ୧୨ ଟାରେ କୋରାପୁଟ ଜିଲାର ରୁପକଣା ଠାରେ ପହଞ୍ଚିବେ, ୧୨.୪୦ ରେ ବୁର୍ଜା, ୧୨.୫୦ ରେ ଲକ୍ଷ୍ମୀପୁର , ୧.୩୦ କାକିରିଗୁମ୍ପା, ୨ ଟାରେ ଦାମନଯୋଡି ୩ଟାରେ ସେମିଳିଗୁଡା,୩.୧୫ ରେ ସୁନାବେଡା, ୩.୩୦ରେ ଡୁମୁରିପୁଟ, ୩.୪୫ରେ କୋରାପୁଟ ଏବଂ କୋରାପୁଟ ସ୍କିଲ ଡେଭଲପମେଣ୍ଟ କେନ୍ଦ୍ର ରେ ବିଭିନ୍ନ ସଂସ୍ଥା ଦ୍ୱାରା ଅତିଥିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା, ସଂନ୍ଧ୍ୟା ୬ଟାରେ ବୁଦ୍ଧି ଜିବି ଙ୍କ ସହ ଆଲୋଚନା ଏବଂ ୬.୩୦ ମିନିଟରେ କେନ୍ଦ୍ର ମନ୍ତ୍ରୀ ମଡିଆଙ୍କ ସହ ଆଲୋଚନା କରିବେ । ସେହି ପରି ୨୧ ତାରିଖରେ ସକାଳ ୯ ଟାରେ ଜୟପୁର ପହଂଚିବାର କାର୍ଯ୍ୟକ୍ରମ ରହିଥିବା ବେଳେ ୯.୩୦ ରେ ଆମ୍ବାଗୁଡା.୧୦ ରେ ବୋରିଗୁମ୍ପା, ୧୦.୩୦ ଆଉଳି ଠାରେ ଜନ ସାଧାରଣଙ୍କ ଦ୍ୱାରା ସ୍ୱାଗତ କାର୍ଯ୍ୟକ୍ରମ ରହିଛି । ସରକାରଙ୍କ ଜନ ଧନ ଯୋଜନା, ଉଜ୍ଜ୍ୱାଳା ଯୋଜନା, ସୁକନ୍ୟା ସମୃଦ୍ଧି ଯୋଜନା ପେରି କେନ୍ଦ୍ର ଦ୍ୱାରା କରାଯାଉଥିବା ଯୋଜନାର କିଭଳି କାର୍ଯ୍ୟକାରି ହେଉଛି ଜନ ସାଦାରଣ ଏହି ଯୋଜନାର ସୁଫଳ ପାଉଛନ୍ତି କି ନାହିଁ ସିଧା ସଳଖ ଜନତାଙ୍କ ଠାରୁ ବୁଝିବା ସହ ଆର୍ଶିବାଦ ନେବା ପାଇଁ କେନ୍ଦ୍ରୀୟ ରେଳ ଏବଂ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଅଶ୍ୱିନ ବୈଷ୍ଣବ କୋରାପୁଟ ଜିଲା ଗସ୍ତରେ ଆସିରିବେ । ଜିଲା ସଭାପତି ସୁମନ୍ତ ପ୍ରଧାନ ନିଦ୍ଦେଷରେ ଗୌତମ ସାନ୍ତରାୟ , ସାଧାରଣ ସମ୍ପାଦକ,ବୈଦନାଶ ମିଶ. ଚନ୍ଦ୍ର ଶେଖର ରଥ, ଜିଲା ମିଡିଆ ପ୍ରଭାରି ସଞ୍ଜୟ ବେହେରା ଖବର ଦାତା ସମ୍ମିଳନିରେ ଉପସ୍ଥିତ ଥିଲେ ।

ଲାୟନ୍ସ କ୍ଲବ ଭଦ୍ରକାଳୀ ଡିଭାଇନ୍‌ର ପ୍ରତିଷ୍ଠା ଦିବସ ପାଳିତ

ଭଦ୍ରକ,୧୭/୮ (ନି.ପ୍ର): ଭଦ୍ରକ ଲାୟନ୍ସ କ୍ଲବ ଭଦ୍ରକାଳୀ ଡିଭାଇନର ୧୫ତମ ପ୍ରତିଷ୍ଠା ଦିବସ ସ୍ଥାନୀୟ ସଂସ୍କୃତି ଭବନଠାରେ ସଭାପତି ସତ୍ୟେନ୍ଦୁ ରାୟମହାପାତ୍ରଭ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି । ୨୦୨୧-୨୨ ବର୍ଷର ନୂତନ ବର୍ଷର ନୂତନ କର୍ମକର୍ତ୍ତା ଭାବରେ ସଭାପତି ବୈଲୋଚନ ବେହୁରିଆ, ସମ୍ପାଦକ ସ୍ୱାନ୍ତ କୁମାର ସାହୁ, କୋଷାଧକ୍ଷ ଭାବେ ସନ୍ତୋଷ କୁମାର ପତି ଦାୟିତ୍ୱ ଗ୍ରହଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଲାୟନ ପିଡିଜି ପ୍ରକାଶ କୁମାର ଜେନା, ମୁଖ୍ୟବକ୍ତା ଲାୟନ ପିଡିଜି ପ୍ରଫୁଲ୍ଲ କୁମାର ସାମଲ ଏବଂ ଜେଡ୍‌ସି ଲାୟନ ସରୋଜ ଦାସ ଅତିଥି ଭାବେ ଯୋଗଦାନ କରିଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ସଭାପତି ଲାୟନ ଶ୍ରୀ ମହାପାତ୍ର ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିବା ବେଳେ ସମ୍ପାଦକ ଲାୟନ ପ୍ରଭାତ କୁମାର ଧଳ ବିବରଣୀ ପାଠ କରିଥିଲେ । ଏହି ଉତ୍ସବରେ ବରେଣ୍ୟ ଅତିଥି ଭାବେ ଡାକ୍ତର ହରେକୃଷ୍ଣ ନାୟକ, ଲାୟନ କ୍ଲବର ସଭାପତି ଅଶୋକ କୁମାର ମହାନ୍ତି ଯୋଗ ଦେଇ ବକ୍ତବ୍ୟ ରଖିଥିଲେ । ଶିକ୍ଷାବିତ ଶାନ୍ତନୁ କୁମାର ରାଉତଙ୍କୁ ଏହି ଉତ୍ସବରେ ସମ୍ବର୍ଦ୍ଧିତ କରାଯାଇଥିଲା । ଲାୟନ ବରିଷ୍ଠ ଆଇନଜୀବୀ ପର୍ଶୁରାମ ଦ୍ୱିବେଦୀ ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପଦ୍ମନ କୁମାର ରାୟ, ଅମର କୁମାର କୁମାର ମହାନ୍ତିଳ ଗୀତାଞ୍ଜଳି ଦ୍ୱିବେଦୀ, ତିଳୋତ୍ତମା ପଣ୍ଡା, ସଂଜୀବ ନାୟକ, ଦିଲିପ କୁମାର ନାୟକ ଏବଂ ଅନ୍ୟ କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ ।

ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ଅବସରରେ ଚାରା ବଣ୍ଟନ

ପୁରୀ,୧୭/୮ (ନି.ପ୍ର): ବିଶ୍ୱମ୍ଭର ବିଦ୍ୟାପୀଠର ଛାତ୍ରଛାତ୍ରୀ ମାନଙ୍କୁ ପରିବେଶ ଏବଂ ତା ସମ୍ପର୍କିତ ସମସ୍ୟା ସମ୍ବନ୍ଧରେ ସଚେତନ କରାଇବା, ପରିବେଶ ଶିକ୍ଷା ପାଇଁ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ସୁଯୋଗ ଯୋଗାଇବା, ନିଜର ସମାଜକୁ ପ୍ରଭାବିତ କରୁଥିବା ପରିବେଶୀୟ ସମସ୍ୟା ଗୁଡିକର ପ୍ରତ୍ୟେକ୍ଷ ସମ୍ପର୍କରେ ଛାତ୍ରଛାତ୍ରୀ ମାନଙ୍କୁ ଆଣିବା ଏବଂ ସେସବୁର ସମାଧାନ ଖୋଜିବା ପାଇଁ ତାଙ୍କୁ ଉତ୍ସାହିତ କରିବା ତଥା ନିଜ ଚାରିପାଖର ପରିବେଶ ସମ୍ପର୍କିତ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ ମାନଙ୍କୁ ସକ୍ରିୟ ଭାବରେ ଯୋଡିବା ଲକ୍ଷ୍ୟରେ ବିଶ୍ୱମ୍ଭର ବିଦ୍ୟାପୀଠର ଜାତୀୟ ସବୁଜ ବାହିନୀ (ଇକୋ କ୍ଲବ)ର ମିଳିତ ଆନୁକୂଲ୍ୟରେ ଆଜି ବିଦ୍ୟାଳୟ ନବମ ଶ୍ରେଣୀ ଛାତ୍ରଛାତ୍ରୀ ମାନଙ୍କ ପାଇଁ ଖୋଲିବା ଦିନ ଅବସରରେ ଛାତ୍ରଛାତ୍ରୀ ମାନଙ୍କୁ ଚାରା ବଣ୍ଟନ କରାଯାଇଥିଲା । ଛାତ୍ରଛାତ୍ରୀମାନେ ନିଜ ଘରେ ଚାରାର ଉପଯୁକ୍ତ ଯତ୍ନ ନେବେ ଏବଂ ସମୟାନୁସାରେ ଚାରାର ଅଭିବୃଦ୍ଧି ସମ୍ବନ୍ଧରେ ଫୋଟୋ ପଠାଉଥିବେ । ପର୍ଯ୍ୟାୟ କ୍ରମେ ପର୍ଯ୍ୟବେକ୍ଷଣ କରାଯାଇ ଉପଯୁକ୍ତ ଯତ୍ନ ନେଇଥିବା ଛାତ୍ରଛାତ୍ରୀ ମାନଙ୍କୁ ଚୟନ କରି ପୁରସ୍କୃତ କରାଯିବ ବୋଲି ସବୁଜ ବାହିନୀର କର୍ମକର୍ତା ମାନେ କହିଛନ୍ତି ।

ଚିଲିକାରେ ସେତୁ ନିର୍ମାଣ ପାଇଁ ବହୁ ସଂଗଠନ ଅଣ୍ଟା ଭିଡ଼ିଲେ

ପୁରୀ,୧୭/୮ (ନି.ପ୍ର): ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ୍ ଅନ୍ତର୍ଗତ ପଣସପଦା ଠାରେ ସାଧାରଣ ନାଗରିକ ମଂଚ ତରଫରୁ ଚିଲିକା ହ୍ରଦରେ ସାତପଡ଼ା ଠାରୁ ଜହ୍ନିକୁଦା ପର୍ଯ୍ୟନ୍ତ ସେତୁ ନିର୍ମାଣ ଦାବିରେ ଏକ ଖୋଲା ମଂଚ ବିତର୍କ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମଂଚର ସଭାପତି ରଞ୍ଜନ କୁମାର ଦଳାଇ ଅଧ୍ୟକ୍ଷତା କରିଥିଲେ । ବିଶିଷ୍ଟ ସମାଜସେବୀ ତଥା ବିଜେପି ନେତା କୃଷ୍ଣଚନ୍ଦ୍ର ଜଗଦେବ, ପୂର୍ବତନ ଜିଲ୍ଲାପ

ବିଶ୍ୱର ପ୍ରମୁଖ ପାଞ୍ଚଟି ଭାସମାନ ଆଶ୍ଚର୍ଯ୍ୟ ସମ୍ପର୍କରେ-

ଭାସମାନ ଆଶ୍ଚର୍ଯ୍ୟ

ଭାସମାନ ଜାତୀୟ ଉଦ୍ୟାନ :

ବିଶ୍ୱର ଏକମାତ୍ର ଭାସମାନ ଜାତୀୟ ଉଦ୍ୟାନ ଭାରତରେ ରହିଛି । ମଣିପୁରରେ ଦେଶର ପୂର୍ବୋତ୍ତର ଭାଗର ସବୁଠାରୁ ବଡ଼ ମଧୁର ଜଳ ହ୍ରଦ ଲୋକତକ ରହିଥିବା ବେଳେ ଏହି ହ୍ରଦରେ ବିଶ୍ୱର ଏକମାତ୍ର ଭାସମାନ ଜାତୀୟ ଉଦ୍ୟାନ ଦେଖିବାକୁ ମିଳେ । ଇମ୍ଫାଲଠାରୁ ୫୩ କିଲୋମିଟର ଦୂର ମଣିପୁରର ବିଶନପୁର ଜିଲାରେ ଲୋତକ୍ ହ୍ରଦ ରହିଛି । ବିଶ୍ୱରେ ଏହା ଭାସମାନ ହ୍ରଦ ନାମରେ ପରିଚିତ । ଏହି ହ୍ରଦରେ ଥିବା ପ୍ରାକୃତିକ ଦ୍ୱୀପଗୁଡ଼ିକ ଏଠାକାର ଅନ୍ୟତମ ଆଶ୍ଚର୍ଯ୍ୟ । ଏହାକୁ ଫୁମଦି ବୋଲି କୁହାଯାଏ । ସ୍ଥାନୀୟ ମାଛ ଧରାଳିମାନେ ଏହି ଫୁମଦିରେ ରହନ୍ତି । ମଣିପୁର ଅର୍ଥନୀତିରେ ଏହି ହ୍ରଦର ବିଶେଷ ଯୋଗଦାନ ଥିବାବେଳେ ଏଠାରୁ ରାଜ୍ୟର ଜଳବିଦ୍ୟୁତ ଉତ୍ପାଦନ ଲାଗି ଜଳ ଯାଇଥାଏ । ସବୁଠାରୁ ବଡ଼ ଫୁମଦି ୪୦ ବର୍ଗ କିଲୋମିଟର ପରିବ୍ୟାପ୍ତ । ହ୍ରଦ ମଧ୍ୟଭାଗରେ ଏହି ଫୁମଦିରେ ରହିଛି ଦେଶ ତଥା ବିଶ୍ୱର ଏକମାତ୍ର ଭାସମାନ ଜାତୀୟ ଉଦ୍ୟାନ କିବୁଲ ଲାମଜୋ । ଏହା ବିଲୁପ୍ତ ପ୍ରାୟ ସଙ୍ଗାଇ ହରିଣଙ୍କର ଶେଷ ପ୍ରାକୃତିକ ବାସସ୍ଥଳୀ ବୋଲି କୁହାଯାଏ । ସଙ୍ଗାଇ ହରିଣଙ୍କର ଶେଷ ପ୍ରାକୃତିକ ବାସସ୍ଥଳୀ ବୋଲି କୁହାଯାଏ । ସଙ୍ଗାଇ ମଧ୍ୟ ମଣିପୁରର ରାଜ୍ୟ ପଶୁ ଭାବେ ଘୋଷିତ ହୋଇଛି ।

ବଜାର ଭାସୁଛି :

ବର୍ଷା ପାଣିରେ ନୁହେଁ, ବରଂ ବଜାରଟି ପାଣି ଉପରେ ହିଁ ଭାସମାନ ବଜାର କଲକାତାଠାରେ ପ୍ରତିଷ୍ଠା କରାଯାଇଥିବାବେଳେ ଗୋଟିଏ ଡଙ୍ଗାରେ ଦୁଇଟି ଦୋକାନ ଥିବା ଏବଂ ଡଙ୍ଗା ଗୋଟିଏ ଜାଗାରେ ସ୍ଥିର ହୋଇ ରହିବାର ବ୍ୟବସ୍ଥା ଏଠାକାର ବିଶେଷତ୍ୱ । ପଶ୍ଚିମବଙ୍ଗ ସରକାର ବ୍ୟାଙ୍କକ ଶୈଳୀରେ ଏହି ବଜାର ପ୍ରତିଷ୍ଠା କରିଛନ୍ତି । ସହରୀକରଣ ଯୋଗୁ ଜୀବିକା ହରାଇଥିବା ରାସ୍ତାକଡ଼ର ୨୦୦ ବ୍ୟବସାୟୀଙ୍କୁ ଥଇଥାନ କରିବା ଲାଗି ଏହି ବଜାର ପରିକଳ୍ପନା କରାଯାଇଥିଲା । ୯କୋଟି ଟଙ୍କା ଏଥିପାଇଁ ବ୍ୟୟ କରାଯାଇଛି । ଅନ୍ୟ ବଜାର ଅପେକ୍ଷା ଏଠାରେ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ କମ ଦରରେ ମିଳିଥାଏ । ଚା ଦୋକାନ ସହିତ ସେଲୁନ ମଧ୍ୟ ଡଙ୍ଗାରେ ରହିଛି । ଏଭଳି ବଜାର ପ୍ରତିଷ୍ଠା ଲାଗି ହୁଗୁଳି ଜିଲାର ୬ଟାରୁ ଦିନ ଗୋଟାଏ ଏବଂ ଅପରାହ୍ନ ୪ଟାରୁ ରାତି ୯ଟାଯାଏ ଏହିତ ବଜାର ଖୋଲା ରହେ ।

ପାଖକୁ ଯାଉଛି ସ୍କୁଲ:

ହଁ କାରଣ ଏହି ସ୍କୁଲ ମଧ୍ୟ ଭାସୁଛି । ଏଭଳି ସ୍କୁଲ ରହିଛି ମଣିପୁରରେ । ଲୋକତକ ହ୍ରଦରେ ଏହି ସ୍କୁଲ କାର୍ଯ୍ୟକରୁଥିବା ବେଳେ ଏଥିରେ ଛୋଟପିଲାଙ୍କ ସହିତ ନିରକ୍ଷର ବୟସ୍କମାନଙ୍କୁ ମଧ୍ୟ ପ୍ରାଥମିକ ଶିକ୍ଷା ଦିଆଯାଉଛି । ବିଶେଷକରି ମାଛଧରାଳିମାନଙ୍କ ପିଲାମାନେ ଶିକ୍ଷାକ୍ଷେତ୍ରରୁ ବଞ୍ଚିତ ନହେବା ଲାଗି ଏହି ସ୍କୁଲ ଆରମ୍ଭ କରାଯାଇଛି ମାଛଧରାଳି ୟୁନିଅନ ଏବଂ ଏକ ବେସରକାରୀ ସ୍ୱେଚ୍ଛାସେବୀ ସଂଗଠନ ସହାୟତାରେ ହୋଇଥିବା ଏହି ସ୍କୁଲରେ ୨ଜଣ ଶିକ୍ଷକ ପ୍ରାୟ ୪୦ ଜଣ ପିଲାଙ୍କୁ ପାଠ ପଢ଼ାଉଛନ୍ତି ।

ଭାସମାନ ପାୱାର ପ୍ଲାଣ୍ଟ:

ବିଶ୍ୱର ପ୍ରଥମ ଭାସମାନ ପାରମାଣବିକ ପାୱାର ପ୍ଲାଣ୍ଟକୁ ରୁଷ୍ ସମୁଦ୍ରରେ ଅବତରଣ କରାଇଛି । ମୁରମନସ୍କ ସହରର ଏକ ବନ୍ଦରରୁ ଏହାକୁ ସମୁଦ୍ର ଭିତରକୁ ଅଣାଯାଇଥିଲା । ବର୍ଷେକାଳ ଏହାର ସାମୁଦ୍ରିକ ଯାତ୍ରା ଲାଗିରହିବ । ଏହାର ନାମ ଦିଆଯାଇଛି- 'ଏକାଡେମିକ୍ ଲୋମୋନୋସୋଭ' । ପୂର୍ବ ଏବଂ ଉତ୍ତର ସାଇବେରିଆର ଦୂରଦୂରାନ୍ତ ଅଞ୍ଚଳନକୁ ବିଦ୍ୟୁତ ଯୋଗାଇବା ତଥା ତୈଳ ବିଶୋଧନ କରିବା ଏହାର ପ୍ରମୁଖ କାର୍ଯ୍ୟ । ପ୍ରାୟ ଦୁଇଲକ୍ଷ ଜନସଂଖ୍ୟା ବିଶିଷ୍ଟ ଅଞ୍ଚଳକୁ ଏହି ଭାସମାନ ରିଆକ୍ଟର ବିଦ୍ୟୁତ ଯୋଗାଇପାରିବ । ପ୍ରତିଦିନ ୨.୪ ଲକ୍ଷ ପାନୀୟ ଜଳ ମଧ୍ୟ ପ୍ରସ୍ତୁତ କରିପାରିବ । ଏଥିସହିତ ପ୍ରାୟ ୫୦ ହଜାର ଟନ ଅଙ୍ଗାରକାମ୍ଳ ଉତ୍ସର୍ଜନ ଏହା ଦ୍ୱାରା ରୋକାଯିବା ସମ୍ଭବ ହେବ ବୋଲି ଜଣାଯାଇଛି । ଏକାଧିକ ପରିବେଶବିତ୍ ଏହାକୁ ନ୍ୟୁକ୍ଲିଅର ଟାଇଟାନିକ୍ କହୁଥିବା ବେଳେ ଗ୍ରୀନପିସ୍ 'ଭାସମାନ ଚେର୍ନୋଭିଲ୍' ଆଖ୍ୟା ଦେଇଛି ।

ଭାସୁଛି ଏଟିଏମ: ଆବଶ୍ୟକ ସମୟରେ ତୁରନ୍ତ ଟଙ୍କା ପାଇବା ଲାଗି ଏଟିଏମ ସହାୟକ ହେଉଥିବା ବେଳେ ଦେଶରେ ଏପରି ଏକ ଏଟିଏମ ରହିଛି ଯାହା ଟଙ୍କା ଯୋଗାଇବା ସହ ପ୍ରମୁଖ ଆକର୍ଷଣ ହାଇପାରିଛି । ଏଟିଏମ ୟୁନିଟଗୁଡ଼ିକ ରାସ୍ତାକଡ଼ରେ କୌଣସି କକ୍ଷରେ ରହିଥାଏ । ଏହି ଏଟିଏମ କିନ୍ତୁ ପାଣିରେ ଭାସମାନ ଅବସ୍ଥାରେ ରହିଛି । ଭାରତୀୟ ଷ୍ଟେଟ ବ୍ୟାଙ୍କ ଦେଶର ପ୍ରଥମ ଭାସମାନ ଏଟିଏମ୍ ୨୦୦୪ ମସିହା ଫେବୃଆରୀ ୯ତାରିଖ ଦିନ ଆରମ୍ଭ କରିଥିଲା । କେରଳ ସିପିଙ୍ଗ ଆଣ୍ଡ ଇନଲ୍ୟାଣ୍ଡ ନେଭିଗେସନ କର୍ପୋରେସନର ଝଙ୍କାର ନାମକ ଷ୍ଟିମରରେ ଏହା ଲଗାଯାଇଥିଲା । ଷ୍ଟିମରଟି ଏସିଆର ସର୍ବାଧିକ ଜନବହୁଳ କ୍ଷେତ୍ର ଏର୍ଣ୍ଣାକୁଲମରୁ ବ୍ୟାପିନ ମଧ୍ୟରେ ଚଳାଚଳ କରେ ।



ଦେଶ ଭାସିବ:

ନା ଦେଶ କୌଣସି ଦୁର୍ଦ୍ଦିନର ସମ୍ମୁଖୀନ ହୋଇ ଭାସିବ ନାହିଁ, ଏପରି ଏକ ଦେଶର ପରିକଳ୍ପନା କରାଯାଇଛି ଯାହା ପାଣିରେ ଭାସମାନ ଅବସ୍ଥାରେ ରହିବ । ଏହି ଭାସମାନ ଦେଶ ବା ସହରର କାର୍ଯ୍ୟ ୨୦୧୯ରୁ ଆରମ୍ଭ ହୋଇ ୨୦୨୨ ମସିହା ସୁଦ୍ଧା ଶେଷ ହୋଇଯିବ ବୋଲି ଆଶା କରାଯାଉଛି । ଗବେଷକମାନଙ୍କ ସହ ମିଶି ପ୍ରଶାନ୍ତ ମହାସାଗରରେ ଏଭଳି ଦେଶ ପ୍ରତଷ୍ଠା କରିବା ଲାଗି ନିଷ୍ପତ୍ତି ନେଇଛି ଫ୍ରାନ୍ସ । ୨୦୨୨ ବେଳକୁ ଏଠାରେ ୨୫୦ରୁ ୩୦୦ ଘର ତିଆରି ସରିଥିବ ବୋଲି ଆଶା କରାଯାଇଛି । ଏଥିପାଇଁ ଏପରି ଡିଜାଇନ ପ୍ରସ୍ତୁତ କରାଯାଇଛି ଯେ ସମ୍ପୂର୍ଣ୍ଣ ହେବା ପରେ ଆଗାମୀ ୧୦୦ବର୍ଷ ଯାଏ କୌଣସି ପରିବର୍ତ୍ତନ ଆବଶ୍ୟକ ହେବନାହିଁ ।

ମହିଳାଙ୍କ କଥା କହିବାର ଶୈଳୀ

ନିକଟରେ ଜାପାନର ବିଶେଷଜ୍ଞଦଳ ଏକ ବିଶ୍ୱସ୍ତରୀୟ ସର୍ବେକ୍ଷର କରିଥିଲେ । ଗପୁଡ଼ି ମହିଳାଙ୍କ ବିଭିନ୍ନ ଆଚରଣ ବିଧି ପରୀକ୍ଷା କରିବା ଏହି ଗବେଷଣାରୁ ମୂଳ ଲକ୍ଷ୍ୟ ଥିଲା । ବିଶ୍ୱର ବିଭିନ୍ନ ପ୍ରାନ୍ତର ୫୫ହଜାର ମହିଳା ଏହି ଗବେଷଣାରେ ସାମିଲ ହୋଇଥିଲେ । ସମସ୍ତ ପ୍ରକାର ଅନୁସନ୍ଧାନ ପରେ ଜଣାପଡ଼ିଥିଲା ଯେ ପୁରୁଙ୍କେ ତୁଳନାରେ ମହିଳାମାନେ ଆବଶ୍ୟକତାଠାରୁ ଅଧିକ ଗପିଥାନ୍ତି । ପୁରୁମୋନେ ଦିନକୁ ୧୩ହଜାର ଶବ୍ଦ କହୁଥିଲାବେଳେ ମହିଳାମାନେ ୨୦ହଜାରରୁ ଅଧିକ ଶବ୍ଦ କହନ୍ତି । ଏବର ଯୁବତୀ ଓ ମହିଳାମାନେ ଫୋନରେ ଘଣ୍ଟଘଣ୍ଟା ଧରି ଗପ କରିବାକୁ ପସନ୍ଦ କରୁଛନ୍ତି । ଏମାନଙ୍କ ମଧ୍ୟରୁ ୮୧% ମହିଳା କେବଳ ଅନ୍ୟମାନଙ୍କ ବିରୋଧରେ ହିଁ ଗପ କରୀନ୍ତି । ସ୍ୱଭାବରେ ଏମାନେ ଖୁବ ଈର୍ଶାକୁ ବୋଲି ତଥ୍ୟରୁ ଜଣାପଡ଼ିଛି । ନିଜ କାମଦାମକୁ ଯଥା ସମୟରେ କରିବା ଅପେକ୍ଷା ବନ୍ଧୁବାନ୍ଧବଙ୍କ ସହ ଗପ କରି ସେମାନେ ସମୟ ଅପଚୟ କରୁଥିବାର ପରୀକ୍ଷାରୁ ପ୍ରକାଶ । ମାତ୍ର ୬% ମହିଳା ଖୁବ କମ କଥାବାର୍ତ୍ତା କରିବାରେ ରୁଚି ରଖନ୍ତି । ଏହି ଗୋଷ୍ଠୀରେ ୪% ମହିଳା କର୍ମଜୀବୀ ଥିଲେ । ସେମାନଙ୍କ ମତ ଥିଲା, ଗପ କରିବାକୁ ସମୟ କାହିଁ? ଏହା ବାଦ କାମରୁ ସାମାନ୍ୟ ବିତରତି ମିଳିଲେ ବିଶ୍ରାମ ନେବାକୁ ଏହି ବର୍ଗର ମହିଳାମାନେ ଉଚିତ୍ ମଣିଥାନ୍ତି ।

ଛୋଟଛୋଟ କଥା

ପ୍ରତ୍ୟେକ ମହିଳା ନିଜର ସୁରକ୍ଷା ସମ୍ବନ୍ଧରେ ନିଜେ ଚିନ୍ତା କରିବା ଜରୁରୀ । କେତେକ ଛୋଟଛୋଟ କଥା ପ୍ରତି ଧ୍ୟାନ ଦେଲେ ଅନେକ ଗୁଡ଼ିଏ ଅପ୍ରୀତିକର ପରିସ୍ଥିତିକୁ ମୁକ୍ତି ପାଇପାରିବେ ।

୧- ଯେଉଁ ଘରେ ରହୁଛନ୍ତି ତାହାର ମୁଖ୍ୟ ଦ୍ୱାରରେ ସର୍ବଦା ସେଫ୍ଟି ଲକ୍ ପକାଇବାକୁ ଚେଷ୍ଟା କରନ୍ତୁ । ରାତିରେ କବାଟ ବନ୍ଦ କରିବା ପରେ ଏକ ସେଟ ଚାବି ନିଜ ପାଖରେ ରଖନ୍ତୁ ଓ ଅନ୍ୟ ସେଟ୍ ସୁରକ୍ଷିତ ଭାବେ ରଖନ୍ତୁ ।

୨- ମୁଖ୍ୟ ଦ୍ୱାରରେ ମୋଟା ପରଦା ଟାଣନ୍ତୁ ଯେପରିକି ଘର ଭିତରକୁ ବାହାର ଲୋକ ହଠାତ୍ ଦେଖିପାରିବେ ନାହିଁ ।

୩- ସର୍ବଦା ଦୁଇଟି ଫୋନ ନମ୍ବର ବ୍ୟବହାର କରିବାକୁ ଚେଷ୍ଟା କରନ୍ତୁ ।

୪- ଫ୍ରିଜରେ ସର୍ବଦା ବରଫ ରଖନ୍ତୁ । ହଠାତ୍ କୌଣସି ଆଘାତ ପହଞ୍ଚିଲେ ବରଫ ଲଗାଇବା ଏକ ଉତ୍ତମ ଉପାୟ ।

୫- ଘରେ ଫାଷ୍ଟଏଡ଼ ବକ୍ସ ରଖନ୍ତୁ ଓ ଏଥିରେ ଅତ୍ୟାବଶ୍ୟକୀ ଔଷଧ ରଖିବା ଜରୁରୀ । ତେବେ ବ୍ୟବହାର କଲାପୂର୍ବରୁ କିମ୍ବା ସମୟ ସମୟରେ ଏହି ଔଷଧ ଗୁଡ଼ିକର ଏକ୍ସପାଏରୀ ତାରିଖ ପ୍ରତି ଧ୍ୟାନ ଦିଅନ୍ତୁ ।

୬- କୌଣସି ନିରୋଳା ସ୍ଥାନକୁ ଏକାକୀ ବୁଲିବାକୁ ଯାଆନ୍ତୁ ନାହିଁ ।

୭- ବାହାରକୁ ଗଲାବେଳେ ସଙ୍ଗରେ ଲଙ୍କାଗୁଣ୍ଡ ସ୍ପ୍ରେ, ସେଫ୍ଟିପିନ, କାର ଚାବି ଆଦି ରଖିବା ଭୁଲନ୍ତୁ ନାହିଁ ।

୮. ବାହାରେ ଥିବା ବେଳେ ଫୋନରେ ବ୍ୟସ୍ତ ନରହି ସତର୍କ ରୁହନ୍ତୁ ।

୯. ଏମରଜେନ୍ସି ନମ୍ବରଗୁଡ଼ିକ ମନେ ରଖନ୍ତୁ ।

ଭଙ୍ଗାମନର ରୋଗ

ମନ ଥରେ ଭାଙ୍ଗିଗଲେ, ଆଉ ଯୋଡ଼ି ହୁଏନି । ଭଙ୍ଗାମନର ଯନ୍ତ୍ରଣା ଅସହ୍ୟ । ଏହା କେବଳ କଥାରେ କୁହାଯାଏନି, ଏମିତି ଏକ ରୋଗ ମଧ୍ୟ ରହିଛି । ଏହି ରୋଗର ନାଁ ବ୍ରୋକନ୍ ହାର୍ଟ ସିଣ୍ଡ୍ରୋମ୍ । ବ୍ରୋକନ୍ ହାର୍ଟ ସିଣ୍ଡ୍ରୋମରେ ହୃଦ୍‌ଯନ୍ତ୍ରର ଏକ ଭାଗ ଅସ୍ଥାୟୀ ରୂପେ ଦୁର୍ବଳ ହୋଇଯାଏ । ଏହାର ମାଂସପେଶୀରେ ଶିଥିଳତା ଆସେ । ତେଣୁ ହୃଦ୍‌ସ୍ପନ୍ଦନର କ୍ଷମତା କମିଯାଏ । ଏହାକୁ ଷ୍ଟ୍ରେସ୍ କାର୍ଡିଓମାୟୋପାଥି କହନ୍ତି । ମାନସିକ ଅବସାଦ ଅଧିକ ହେଲେ ଏପରି ସମସ୍ୟା ଦେଖାଯାଏ । କୌଣସି ପ୍ରିୟଜନଙ୍କ ଅକାଳ ବିୟୋଗ, ଗୁରୁତ୍ୱର ସ୍ୱାସ୍ଥ୍ୟ ସମସ୍ୟା, ଅସ୍ତ୍ରୋପଚାର ଭୟ, ଗାଡ଼ି ଦୁର୍ଘଟଣା ହେବା, ହଠାତ୍ କୌଣସି ଦୁଃସମ୍ବାଦ କିମ୍ବା ଆର୍ଥିକ ସଙ୍କଟରେ ପଡ଼ିବା ଆଦି ସ୍ଥିତିରେ ଷ୍ଟ୍ରେସ୍ ବା ମାନସିକ ଚାପ ଅଧିକ ରହୁଥିବାରୁ ହୃଦ୍‌ଯନ୍ତ୍ରର ବାମ ନିଳୟ(ଭେଣ୍ଟ୍ରିକ୍‌ଲ)ର ଗୋଟିଏ ଭାଗରେ ମାଂସପେଶୀ ଅସ୍ଥାୟୀ ଭାବେ ଶିଥିଳ ବା ଦୁର୍ବଳ ହୋଇଯାଏ । ଏଥିରେ ସଙ୍କୋଚନଶୀଳତା କମ୍ ହୋଇଯାବାରୁ ରକ୍ତବାହୀ ନଳୀରେ ଅସ୍ଥାୟୀ ହେଲେ ମଧ୍ୟ ସଙ୍କୋଚନ ଯୋଗୁ ହୃଦ୍‌ଯନ୍ତ୍ରକୁ ଅମ୍ଳଜାନ ମିଳେନାହିଁ । ବ୍ୟକ୍ତିଙ୍କର ଛାତି ଯନ୍ତ୍ରଣା ହୁଏ ଯାହା ହୃଦ୍‌ଘାତ ସହିତ ସମାନ ।

ସର୍ବପ୍ରଥମେ ଇସିଜି ପରୀକ୍ଷା ଦ୍ୱାରା ଏହି ରୋଗ ସମ୍ପର୍କରେ ପ୍ରାଥମିକ ସୂଚନା ମିଳେ । କାର୍ଡିଆକ୍ ମାର୍କର୍ସ ବିବି ପରି ରକ୍ତ ପରୀକ୍ଷା ବି ଗୁରୁତ୍ୱପୂର୍ଣ୍ଣ । ଇକୋକାର୍ଡିଓଗ୍ରାଫିରେ ହୃଦ୍‌ଯନ୍ତ୍ରର ଏକ ଭାଗ ଫୁଲିଯାଇଥିବା ଏବଂ ସଙ୍କୁଚିତ ହୋଇଯାଇଥିବା ସ୍ପଷ୍ଟ ଜଣାପଡ଼େ । ଛାତିର ଏକ୍ସ-ରେ କରାଗଲେ ବି ହୃଦ୍‌ଯନ୍ତ୍ରର ଆକାର ବଡ଼ ଦେଖାଯାଏ । ଏହା ହୃଦ୍‌ଯନ୍ତ୍ରର କି ନୁହେଁ ବୋଲି ଜାଣିବା ଲାଗି କରୋନାରୀ ଆଞ୍ଜିଓଗ୍ରାଫି କରାଯାଏ । ସାଧାରଣତଃ ହୃଦ୍‌ଘାତରେ ରକ୍ତନଳୀଗୁଡ଼ିକରେ ବ୍ଲକେଜ୍ ହୋଇଥିଲେ ମଧ୍ୟ ବ୍ରୋକନ୍ ହାର୍ଟ ସିଣ୍ଡ୍ରୋମରେ ଏପରି କିଛି ଦେଖାଯାଏ ନାହିଁ । ଉପଚାର ଲାଗି ଠିକ ସମୟରେ ଲକ୍ଷଣ ଚିହ୍ନଟ କରି ଏହାର ଚିକିତ୍ସା କରିବା ଉଚିତ ।

୧. ଯେଉଁ ବ୍ୟକ୍ତି ଅଧିକ ଟେନସନ୍‌ରେ ରହିଥାନ୍ତି କିମ୍ବା ଅଧିକ ଭାବନାତ୍ମକ ହୋଇଥାନ୍ତି, ସେମାନଙ୍କଠାରେ ଏହି ସମସ୍ୟା ବେଶୀ ଦେଖାଯାଏ । ୬୦ ପ୍ରତିଶତ କ୍ଷେତ୍ରରେ ମହିଳାମାନେ ଏଥିରେ ଆକ୍ରାନ୍ତ ହୋଇଥାନ୍ତି । ୫୦ବର୍ଷ ପରେ ଋତୁସ୍ରାବ ବନ୍ଦ ହୋଇଗଲେ ସେମାନଙ୍କଠାରେ ଏହି ଲକ୍ଷଣ ଦେଖାଯାଇପାରେ ।

୨.ମହିଳାଙ୍କ କ୍ଷେତ୍ରରେ ମାନସିକ ଚାପ ଅଧିକ ହେଲେ ଏଷ୍ଟ୍ରୋଜେନ୍ ହରମୋନ ଯୋଗୁ କ୍ୟାଟେକୋମାଇନ୍‌ସ ଏବଂ ଗ୍ଲୁକୋକର୍ଟିକଏଡ୍‌ସ ଅଧିକ କ୍ଷରଣ ହୋଇଥାଏ । ଏ ଦୁଇଟି ଷ୍ଟ୍ରେସ୍ ହରମୋନ ହୋଇଥିବାରୁ ବ୍ରୋକନ୍ ହାର୍ଟ ସିଣ୍ଡ୍ରୋମର ମୁଖ୍ୟ କାରଣ ପାଲଟନ୍ତି ।

କେମିତି ଜାଣିବେ: ଛାତିରେ ଯନ୍ତ୍ରଣା, ଶ୍ୱାସକ୍ରିୟାରେ ସମସ୍ୟା, ମିଣ୍ଡ ବୁଲାଇଦେବା, ଅଧିକ ଝାଳ ବୋହିବା, ରକ୍ତଚାପ କମ୍ ହୋଇଯିବା, ଭୟ ଲାଗିବା, ହୃତ୍‌ସ୍ପନ୍ଦନ ଅନିୟମିତ ହେବା ପରି ଲକ୍ଷଣ ଦେଖାଗଲେ ତୁରନ୍ତ ଡକ୍ତରଙ୍କ ପରାମର୍ଶ ନିଅନ୍ତୁ ।

ପ୍ରାୟତଃ ପୁରୁଷଙ୍କ ଅପେକ୍ଷା ମହିଳାଙ୍କଠାରେ ବ୍ରୋକନ୍ ହାର୍ଟ ସିଣ୍ଡ୍ରୋମ ଅଧିକ ଦେଖାଯାଏ । ୫୦ବର୍ଷରୁ ଅଧିକ ବୟସର ମହିଳାଙ୍କଠାରେ ମଧ୍ୟ ଏହି ଲକ୍ଷଣ ଦେଖାଯିବାର ଆଶଙ୍କା ରହିଛି । ମୁଣ୍ଡରେ ଆଘାତ ଲାଗିଥିବା, ଅପସ୍ମାର ରୋଗ, ଉଦ୍‌ବେଗ ତଥା ଅବସାଦ ପରି ମାନସିକ ରୋଗ ଥିବା ବ୍ୟକ୍ତିଙ୍କଠାରେ ବି ବ୍ରୋକନ୍ ହାର୍ଟ ସିଣ୍ଡ୍ରୋମ ଦେଖାଯାଏ ।

ଡ୍ରଇଂ ରୁମ

ଏବର ଯୁଗରେ ଡ୍ରଇଂରୁମ ଅତୀତର ବୈଠକଖାନା ହୋଇ ରହିନାହିଁ । ଏହି କୋଠରି ପରିବାର ତଥା ଗୃହସ୍ୱାମୀଙ୍କ ସ୍ତର, ବ୍ୟକ୍ତିତ୍ୱ ଏବଂ ରୁଚିର ଦର୍ପଣ ସଦୃଶ । ସେଥିପାଇଁ ଲୋକେ ଆଗପଛ ବିଚାର ନକରି ଏହାକୁ ସୁନ୍ଦର ତେବେ ବାସ୍ତୁଦୋଷ ଥିଲେ ଫଳ ଓଲଟା ହୁଏ ଏବଂ ପରିବାର ନାନାଦି ସମସ୍ୟାର ସମ୍ମୁଖୀନ ହୁଏ । ତେଣୁ ବାସ୍ତୁ ନିୟମ ଅନୁସରଣ କରନ୍ତୁ ।

- ବାୟବ୍ୟ କୋଣ ଡ୍ରଇଁରୁମ ପାଇଁ ଉତ୍ତମ । ତା' ସହିତ ଏହା ମୁଖ୍ୟ ପ୍ରଅବେଶଦ୍ୱାରା ନିକଟରେ ରହିବା ଉଚିତ୍ ।
- ଫର୍ଣ୍ଣିଚର ପାଇଁ କୋଠରିର ଦକ୍ଷିଣ-ପଶ୍ଚିମ ଦିଗ ଭଲ । ଧ୍ୟାନ ଦିଅନ୍ତୁ ବସିବା ଲୋକଙ୍କ ମୁହଁ ଯେମିତି ପୂର୍ବ ଓ ଉତ୍ତର ଦିଗରେ ରହିବ ।
- ଏହାର ପୂର୍ବ-ଉତ୍ତର କୋଣ ଖାଲି ରହିଲେ ଭଲ ।
- ସୂର୍ଯ୍ୟକିରଣ ଯେପରୀ ଅବାଧରେ ପ୍ରବେଶ କରୁଥିବ ସେଥିପ୍ରତି ଦୃଷ୍ଟି ଦେବା ବାଞ୍ଛନୀୟ ।
- କୋଠରିର ଆକାର ଅନୁସାରେ ସୋଫା ରଖନ୍ତୁ, ନା ବଡ଼ , ନା ସାନ ।
- ସୋଫାର ସମ୍ମୁଖ କାନ୍ଥରେ ଘଣ୍ଟା ଲଗାନ୍ତୁ ।

ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

କାବୁଲର ଭବିଷ୍ୟତ...

ଆଫ୍‌ଗାନିସ୍ତାନ ପୁଣି ଥରେ ତାଲିବାନ୍‌ର ଦଖଲକୁ ଚାଲିଯାଇଛି । ଗୋଟିକ ପରେ ଗୋଟିଏ ପ୍ରଦେଶ ଦଖଲ କରିବା ପରେ ରାଜଧାନୀ କାବୁଲ ନିଜ ଦଖଲକୁ ନେଇ ରାଷ୍ଟ୍ରପତିଙ୍କ ପ୍ରାସାଦ ଦଖଲ କରିଛି ତାଲିବାନ୍ । ରାଷ୍ଟ୍ରପତି ଘନି ଦେଶ ଛାଡ଼ି ତାଜିକସ୍ତାନକୁ ପଳାୟନ କରିଛନ୍ତି । ରାଜଧାନୀର ରାସ୍ତାଘାଟରେ ରୀତିମତ ଅରାଜକତା ବ୍ୟାପି ଯାଇଥିବା ବେଳେ ତାଲିବାନ୍ ପକ୍ଷରୁ ଶୀଘ୍ର ନୂଆ ସରକାର ଗଠନ ବିଷୟ ସୂଚିତ ହୋଇଛି । ସରକାରୀ ସୈନ୍ୟମାନଙ୍କୁ ତାଲିବାନ୍ ପକ୍ଷରୁ ରାଜଧାନୀର ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଛାଡ଼ି ଯିବାକୁ କୁହାଯାଇଥିବା ବେଳେ କେତେକ ଦେଶ ସେମାନଙ୍କର କୂଟନୈତିକ ଦୂତାବାସ ଖାଲି ଆରମ୍ଭ କରିଦେଇଛନ୍ତି । ଅଳ୍ପଦିନ ତଳେ ମାର୍କିନ୍ ସୈନ୍ୟମାନଙ୍କର ଅପସାରଣ ପରଠାରୁ ତାଲିବାନ୍ ଅଧିକ ଉଗ୍ର ଅବତାର ଧରି ଆଫ୍‌ଗାନିସ୍ତାନ ଉପରେ ତାହାର ପୁରୁଣା ରାଗ ଶୁଝାଇଲା ଭଳି ହେଲା । ୧୯୯୬ରୁ ୨୦୦୧ ଯାଏଁ ତାଲିବାନୀ ଶାସନ ଅଧୀନରେ ଆଫ୍‌ଗାନ୍ ଜନସାଧାରଣ ଯେଉଁଭଳି ନିର୍ଯାତନାର ଶିକାର ହୋଇଥିଲେ, ତାହା ବିଶ୍ୱ ଦେଖିଛି । ନାରୀମାନଙ୍କ ଅଧିକାର ପୂରାପୂରି ସଂକୁଚିତ କରିବା ସହ ଅଣ-ଇସ୍ଲାମ୍ ନାଗରିକମାନଙ୍କର ଉପାସନା ଉପରେ ତାଲିବାନ୍ ଅଙ୍କୁଶ କଷିଥିଲା । ମୌଳିକ ଉପାସନା ପୀଠଗୁଡ଼ିକୁ ବିକୃତ କରି ଜାହିର କରିଥିଲା ମୌଳବାଦୀ ହୁକୁମାତି । ଏବେ ପରିପ୍ରେକ୍ଷୀ ଭିନ୍ନ ହୋଇଥିଲେ ମଧ୍ୟ କୋଡ଼ିଏ ବର୍ଷ ପରେ କାବୁଲକୁ ନୈରାଜ୍ୟର ଅନ୍ଧାରୀଯୁଗ ଫେରିଆସିଥିଲା ଭଳି ହୋଇଛି । ଯୁକ୍ତରାଷ୍ଟ୍ରର ପ୍ରେସିଡେଣ୍ଟ ଜୋ' ବାଇଡେନ୍ କେଉଁ ବିଚାରରେ ଆଫ୍‌ଗାନିସ୍ତାନରୁ ସୈନ୍ୟ ପ୍ରତ୍ୟାହାର କଲେ ଏବଂ ସ୍ଥିତି ଅଧିକ ଜଟିଳ ହେଲା ବେଳକୁ ସେନା ପ୍ରେରଣ କଲେ, ତାହା ନେଇ ଉଠାଯାଇଛି ଗୁରୁତର ପ୍ରଶ୍ନ । ଖୋଦ୍ ଆମେରିକାରେ ବାଇଡେନ୍‌ଙ୍କ କଥିତ ନିଷ୍ପତ୍ତିର ବିରୋଧ କରାଯାଇ ପ୍ରତିବାଦ ବିକ୍ଷୋଭ ଆରମ୍ଭ ହୋଇଗଲାଣି । ପରିସ୍ଥିତି ଏଭଳି ହେଲାଣି, ଆମେରିକା ତା'ର କୂଟନୈତିକ କର୍ମଚାରୀ ସମେତ ବହୁ ନାଗରିକଙ୍କୁ ଆକାଶ ମାର୍ଗରେ ଫେରାଇନେବାକୁ ବାଧ୍ୟ ହୋଇଛି । ବାଇଡେନ୍‌ଙ୍କ ଏହା ବିଫଳ ଆଫଗାନ୍ କୂଟନୀତି ରୂପେ ବର୍ଣ୍ଣନା କରୁଛନ୍ତି ବିଶେଷଜ୍ଞ ମହଲ । ତାହାରି ଭିତରେ ମିଳିତ ଜାତିସଂଘର ନିରାପତ୍ତା ପରିଷଦର ଗୁରୁତ୍ୱପୂର୍ଣ୍ଣ ବୈଠକ ବସି ସର୍ବଶେଷ ସ୍ଥିତି ଉପରେ ବିଚାର କରିଛନ୍ତି । ତାଲିବାନ ଶାସନ ସମ୍ପୂର୍ଣ୍ଣ ଇସ୍ଲାମ ଧର୍ମ ଉପରେ ଆଧାରିତ, ତାହା ଗତ ପାଳିର ଶାସନରୁ ସ୍ପଷ୍ଟ ହୋଇଛି । କରଜାଇ ଓ ଘନିଙ୍କ ଶାସନ କାଳରେ ଭାରତ ସମେତ ବିଭିନ୍ନ ଦେଶ ସହ ସମ୍ପର୍କ ଭଲ ରହିଆସିଥିଲା । ବଦଳୁଥିବା ଚିତ୍ର ସମାନ ରହିବ ବୋଲି ବିଚାର କରାଯାଇ ପାରୁନଥିବାର ଅନେକ କାରଣ ରହିଛି । ବିଶ୍ୱବ୍ୟାପୀ ଆତଙ୍କ ଖେଳାଇଥିବା ଜିହାଦୀମାନଙ୍କ ସହ ତାଲିବାନୀଙ୍କର ସମ୍ପର୍କର ବ୍ୟାଖ୍ୟା ଏତେଶୀଘ୍ର ବଦଳିଯିବା ସମ୍ଭବ ହେବନାହିଁ । ପାକିସ୍ତାନ ସହ ତାଲିବାନୀମାନଙ୍କର ସମ୍ପର୍କ କିଭଳି ହେବ, ତାହା ନେଇ କଳ୍ପନା ଜଳ୍ପନା ଚାଲିଥିବା ସମ୍ଭବ । ।ମେରିକାର ପ୍ରେସିଡେଣ୍ଟ ବାଇଡେନ୍, ବ୍ରିଟିଶ ନେତା ବୋରିସ୍ ଜନ୍‌ସନ୍ ଆଫ୍‌ଗାନ୍ ସଙ୍କଟ ନେଇ ଉଦ୍‌ବେଗ ପ୍ରକାଶ କରିବା ସହ ସଙ୍କଟ ଟାଳିବା ପାଇଁ କଣ କରାଯାଇପାରେ ତାହା ନେଇ ବିଚାର ଚଳାଇଛନ୍ତି । ଆଫ୍‌ଗାନ୍ ଦଖଲ ପରେ ତାଲିବାନୀମାନେ ପୁରୁଣା ଖୋଇ ବାହାର କରିବାର ଆଶଙ୍କା ଉଙ୍କିମାରିବା ଭିତରେ ବିଶେଷକରି ନାରୀମାନଙ୍କୁ ଘରୁ ବାହାରିବା ଉପରେ କଟକଣା ଲଗାଯିବା ସାମାଜିକ ସନ୍ତୁଳନକୁ ବିଗାଡ଼ିଦେବା ପାଇଁ ଯଥେଷ୍ଟ । ପାକିସ୍ତାନ ଓ ଚୀନ୍ ସହ ତାଲିବାନୀ ଶାସକଙ୍କର ସମ୍ପର୍କ କେଉଁ ଧରଣର ହେବ, ତାହା ଉପରେ ତାଲିବାନୀ ଶାସକଙ୍କର ସମ୍ପର୍କ କେଉଁ ଧରଣର ହେବ, ତାହା ଉପରେ ଆଞ୍ଚଳିକ ଅଖଣ୍ଡତା ଓ ରାଷ୍ଟ୍ରୀୟ ସାର୍ବଭୌମତ୍ୱର ଭବିଷ୍ୟତ ନିର୍ଭରଶୀଳ ବୋଲି କୁହାଯାଇପାରେ । ତାଲିବାନ୍ ପକ୍ଷରୁ ଆଫ୍‌ଗାନ୍ ଶାସନର ଶାନ୍ତିପୂର୍ଣ୍ଣ ହସ୍ତାନ୍ତର ଉପରେ ଗୁରୁତ୍ୱ ଦିଆଯାଇଛି । ଦୁଇ ଦଶନ୍ଧି ପରେ ପୁନଃଦଖଲକୁ ତାଲିବାନ୍ ଯଥାସମ୍ଭବ ଶାନ୍ତିପୂର୍ଣ୍ଣ କରାଯିବା ଉପରେ ଗୁରୁତ୍ୱ ଦିଆଯାଉଛି । ହେଲେ ପ୍ରସ୍ତାବିତ ସରକାରକୁ କେଉଁ ଦେଶ କୂଟନୈତିକ ସ୍ୱୀକୃତି ଦେଉଛନ୍ତି, ତାହା ଉପରେ ସମସ୍ତଙ୍କର ନଜର ରହିବ । ତାଲିବାନ୍ ଯୁଦ୍ଧ ସରିଯାଇଛି ବୋଲି ଘୋଷଣା କରିବା ପରେ ଶୀଘ୍ର ସରକାର ଗଠନ କରାଯିବ ବୋଲି କହିଛି । ତେବେ ବିଶ୍ୱସ୍ତରରେ ଘଟଣାବଳୀକୁ ତନ୍ନତନ୍ନ ସମୀକ୍ଷା କରାଯାଇ ପଦକ୍ଷେପ ନିଆଯିବାର ଆବଶ୍ୟକତା ରହିଛି । ବର୍ଷ ବର୍ଷ ଧରି ଲାଗିରହିଥିବା ତରଳାବସ୍ଥାରୁ କିଭଳି ଦେଶକୁ ମୁକୁଳାଯାଇ ପାରୁଛି, ତାହା ଉପରେ ବହୁ କିଛି ନିର୍ଭର କରୁଛି । ଏକସମୟରେ ପୂର୍ବତନ ସୋଭିଏତ୍ ରାଷ୍ଟ୍ର ସଂଘ ଆଫ୍‌ଗାନିସ୍ତାନକୁ ସାମରିକ ଦଖଲକୁ ନେଇ ସଖୀକଣ୍ଢେଇ ସରକାର ଚଳାଇବାର ଦେଖାଯାଇଥିଲା । ତାହା ବିରୋଧରେ ବିଦ୍ରୋହ ହେବା ପରେ ସେନାକୁ ହଟାଇ ନିଆଗଲା । ପ୍ରେସିଡେଣ୍ଟ ନଜିବୁଲ୍ଲାଙ୍କୁ ଲୋକମାନେ ହତ୍ୟା କରି ବଡିଖୁଣ୍ଟରେ ଝୁଲାଇ ଦେଇଥିଲେ । ସ୍ଥିତି ସହଜ ଓ ସ୍ୱାଭାବିକ୍ ହେବା ପାଇଁ କେତେ ସମୟ ଲାଗିବ, ହଠାତ୍ କୁହାଯାଇନପାରେ । ସାଧାରଣ ନାଗରିକଙ୍କ ଉପରେ ତାଲିବାନୀ ଶାସନର ପ୍ରଭାବ କିଭଳି ରହୁଛି, ତାହା ମଧ୍ୟ ଭବିଷ୍ୟତ ପାଇଁ ନିର୍ଣ୍ଣାୟକ ହୋଇପାରେ ।

ଭକ୍ତି ଓ ଜ୍ଞାନର ସନ୍ୟାସୀ ଠାକୁର ନିଗମାନନ୍ଦ ପରମହଂସ

ଅମୂଲ୍ୟ କୁମାର ପଣ୍ଡା

ଅରଙ୍ଗାବାଦ, ବରୀ, ଯାଜପୁର
(ମୋ) ୯୯୩୮୯୦୬୦୭୦

ଭକ୍ତିମାର୍ଗ ଓ ଜ୍ଞାନମାର୍ଗ ଭିତରୁ ଗୋଟିଏ ପଥ ଅବଲମ୍ବନ କଲେ ପୂର୍ଣ୍ଣ ସଚ୍ଚିଦାନନ୍ଦ ଉପଲବ୍ଧି ହୋଇପାରେ ନାହିଁ ବୋଲି ଶ୍ରୀଶ୍ରୀ ନିଗମାନନ୍ଦ ପରମହଂସ କହୁଥିଲେ । ଉଭୟ ମାର୍ଗରେ ଅର୍ଥାତ୍ ଜ୍ଞାନ ଭକ୍ତିର ସମନ୍ୱୟ ମାର୍ଗରେ ଗତି କଲେ ମାନବ ହୃଦୟରେ ଜ୍ଞାନ-ଭକ୍ତିର ମିଳନ ହୋଇ ତାଙ୍କଠାରେ ବିଦ୍ୱେଷ ରହିବ ନାହିଁ। ଶଙ୍କର ତଥା ଜ୍ଞାନ ଓ ଗୌରାଙ୍ଗ ତଥା ଭକ୍ତି ର ମିଳନ ହିଁ ପୂର୍ଣ୍ଣ ସତ୍ୟ ଓ ପ୍ରକୃତ ଧର୍ମ । ସୁତରାଂ ସାଧକ ମାତ୍ରେ ଶଙ୍କର ଓ ଗୌରାଙ୍ଗଙ୍କୁ ଏକ ଆସନରେ ସ୍ଥାପନ କରିବା କର୍ତ୍ତବ୍ୟ । ଯାହାଙ୍କର ହୃଦୟରେ ଶଙ୍କର ଓ ଗୌରାଙ୍ଗଙ୍କ ଗୋଟିଏ ସିଂହାସନ ସ୍ଥାପିତ ହୋଇପାରିଛି, ଯାହାଙ୍କର ହୃଦୟରେ ଭକ୍ତି ଗଙ୍ଗା ଜ୍ଞାନସମୁଦ୍ର ମିଳିତ ହୋଇଛନ୍ତି, ସେହି ବ୍ୟକ୍ତି ହିଁ ଜୀବନର ସବୁ ସତ୍ୟକୁ ଉପଲବ୍ଧି କରି ପାରିଛି । ଶଙ୍କରଙ୍କ ମତ ଓ ଗୌରାଙ୍ଗଙ୍କ ପଥ ହିଁ ହେଲା ପ୍ରତ୍ୟେକ ମନୁଷ୍ୟର ଆଦର୍ଶ । ଆହୁରି ମଧ୍ୟ ସେ କହୁଥିଲେ ଇଷ୍ଟ ଏବଂ ଗୁରୁ ଅଭିନ୍ନ ଓ ଏକ । ଦୁଗ୍ଧ ଓ ତାର ଧବଳତା ଯେପରି ଅଭେଦ, ଶକ୍ତି ଓ ଶକ୍ତିମାନ୍ ସେହିପରି ଅଭେଦ । ଯଦି କେହି ସିଦ୍ଧଗୁରୁ ବା ସିଦ୍ଧମନ୍ତ୍ର ପ୍ରାପ୍ତ ଗୁରୁ ମିଳନ୍ତି ତେବେ କିଛି ବିଚାର ନକରି ତତକ୍ଷଣାତ୍ ସେହି ଗୁରୁ ଓ ମନ୍ତ୍ରଗ୍ରହଣ କରିବା ବିଧେୟ। ଶିଷ୍ୟମାନେ ଗୁରୁଦେବଙ୍କ ପାଦପଦ୍ମରେ ଅନନ୍ୟମନା ହୋଇ ଏକନିଷ୍ଠ ଭାବରେ ଚିତ୍ତ ସମର୍ପଣ କଲେ ଶ୍ରୀଭଗବାନ ସେମାନଙ୍କ ଯୋଗକ୍ଷମ ବହନ କରିଥାନ୍ତି । ସେ କହୁଥିଲେ ରାଧା ପୂର୍ଣ୍ଣ ପ୍ରେମର ମୂର୍ତ୍ତି ଓ କୃଷ୍ଣ ପୂର୍ଣ୍ଣ ଜ୍ଞାନର ଘନ ବିଗ୍ରହ ।

ଶ୍ରୀ ଶ୍ରୀ ଠାକୁର ନିଗମାନନ୍ଦ ନଦିୟା ଜିଲ୍ଲାର କୁତବପୁର ଗ୍ରାମରେ ୧୨୮୭ ସାଲ ତଥା ୧୮୮୦ ଖ୍ରୀଷ୍ଟାବ୍ଦ ଅଗଷ୍ଟ ୧୮ ତାରିଖ ଝୁଲଣ ପୂର୍ଣ୍ଣିମା ତିଥିରେ ଜନ୍ମ ଗ୍ରହଣ କରିଥିଲେ । ତାଙ୍କ ଜନ୍ମ ଦିନ ମୁଖ୍ୟତଃ ତିଥି ଅନୁସାରେ ପାଳନ କରାଯାଏ। ତାଙ୍କ ମାତାଙ୍କ ନାମ ମାଣିକ୍ୟ ସୁନ୍ଦରୀ ଓ ପିତା ଭୁବନ ମୋହନ। ତାଙ୍କ ଜନ୍ମ ପରେ କୋଷ୍ଠୀ ବିଚାର କରାଇ ପିତା ଭୁବନ ମୋହନ ପୁତ୍ରର ନାମ ରଖିଥିଲେ ନଳିନୀକାନ୍ତ । ବାଲ୍ୟ ଅବସ୍ଥାରେ ତାଙ୍କ ମାତୃଦେବୀ ମାଣିକ୍ୟ ସୁନ୍ଦରୀଙ୍କ ଦେହାବସାନ ହୋଇଯାଇଥିଲା । ସେହି ସମୟରେ ନଳିନୀକାନ୍ତ ମାତୁଳାଳୟ ରାଧାକାନ୍ତପୁରରେ ମାଉସୀ ମାନଙ୍କ ତତ୍ତ୍ୱାବଧାନରେ ରହି ବିଦ୍ୟା ଶିକ୍ଷା କରିଥିଲେ। ଶ୍ରୀ ଶ୍ରୀ ଠାକୁର ନିଗମାନନ୍ଦ ପରମହଂସ ଥିଲେ ଜଣେ ଭାରତୀୟ ସାଧକ ଓ ଆଧ୍ୟାତ୍ମିକ ଗୁରୁ ଥିଲେ। ଭାରତର ସେ ଜଣେ ଅସାଧାରଣ ଶକ୍ତି ସମ୍ପନ୍ନ ସଦଗୁରୁ ଥିଲେ । ସନ୍ୟାସୀ ଗ୍ରହଣ ପରେ ପରମହଂସ ଶ୍ରୀ ମଦ୍ ସ୍ୱାମୀ ନିଗମାନନ୍ଦ ନାମରେ ବିଖ୍ୟାତ ହେଲେ। ଠାକୁର ନିଗମାନନ୍ଦ ସମାଜର ଦୁର୍ଗତିକୁ ଉପଲବ୍ଧି କରି ଏହାକୁ ଦୃଢ଼ ଓ ପ୍ରାଣବନ୍ତ କରିବା ଉଦ୍ଦେଶ୍ୟରେ ସେ ବ୍ରହ୍ମଚର୍ଯ୍ୟ ସାଧନ, ଯୋଗୀ ଗୁରୁ, ତାନ୍ତ୍ରିକ ଗୁରୁ, ଜ୍ଞାନୀଗୁରୁ ଓ ପ୍ରେମିକଗୁରୁ ଗ୍ରନ୍ଥମାନ ବଙ୍ଗଳା ଭାଷାରେ ପ୍ରଣୟନ କରିଥିଲେ । ପରବର୍ତ୍ତି ସମୟରେ ଏହି ଗ୍ରନ୍ଥମାନର ଓଡ଼ିଆ ଭାଷାନ୍ତର ଦୁର୍ଗାଚରଣ ମହାନ୍ତିଙ୍କ ଦ୍ୱାରା ସମ୍ଭବପର ହୋଇ ପାରିଥିଲା। ସତର ବର୍ଷ ବୟସରେ ସୁଧାଂଶୁବାଳାଙ୍କ ସହିତ ତାଙ୍କର ବିବାହ ସମ୍ପନ୍ନ ହୋଇଥିଲା। ପତ୍ନୀଙ୍କ ମୃତ୍ୟୁ ପରେ ତାଙ୍କର ପରକାଳ ପ୍ରତି ବିଶ୍ୱାସ ଜାତ ହେଲା । ମୃତ୍ୟୁ ସହିତ ପରଲୋକର ସମ୍ପର୍କ ଘନିଷ୍ଠ ବୋଲି ଜାଣି ସେ ମୃତ୍ୟୁ ଓ ପରଲୋକତତ୍ତ୍ୱ ଜାଣିବା ନିମିତ୍ତ ମାନ୍ଦ୍ରାଜ ସ୍ଥିତ ଥିଓସୋଫି ସମ୍ପ୍ରଦାୟରେ ମିଶି ସେହି ବିଦ୍ୟା ଶିକ୍ଷା କଲେ । କିନ୍ତୁ ସେଥିରେ ସେ ତୃପ୍ତ ହୋଇପାରିଲେ ନାହିଁ । ପରେ ଜାଣିଲେ ଯେ, କେବଳ ହିନ୍ଦୁଯୋଗୀ ମାନଙ୍କ କୃପାରୁ ତାଙ୍କର ପ୍ରତ୍ୟକ୍ଷ ଜ୍ଞାନ ଲାଭ ହୋଇ ପାରିବ । ତେଣୁ ସେ ମାନ୍ଦ୍ରାଜରୁ ଫେରି ହିନ୍ଦୁ ଯୋଗୀଙ୍କ ଅନୁସନ୍ଧାନରେ ପ୍ରବୃତ୍ତ ହେଲେ । ଗୁରୁ ଅନ୍ୱେଷଣ ନିମିତ୍ତ ଭାରତର ବହୁ ସ୍ଥାନ ଭ୍ରମଣ କରି ଶେଷରେ ପୁଷ୍କର ତୀର୍ଥରେ ସ୍ୱାମୀ ସଚ୍ଚିଦାନନ୍ଦ ସରସ୍ୱତୀ ଦେବଙ୍କ ଦର୍ଶନ ପାଇ ତାଙ୍କର ଚରଣାଶ୍ରିତ ହୋଇ ତାଙ୍କ ଆଦେଶରେ ବିବିଧ ଶ୍ରମ ଜନକ କାର୍ଯ୍ୟ

କରି ଗୁରୁଦେବଙ୍କୁ ସନ୍ତୋଷ ବିଧାନ କରିବା ଫଳରେ ଗୁରୁଦେବ ତାଙ୍କୁ ସନ୍ନ୍ୟାସ ଦୀକ୍ଷା ପ୍ରଦାନ ପୂର୍ବକ ନାମ ଦେଲେ ନିଗମାନନ୍ଦ। ପରେ ପରେ ସ୍ୱାମୀ ନିଗମାନନ୍ଦ କାଶୀଧାମ ବାରଣାସୀରେ ଉପନୀତ ହେଲେ । ସେଠାରେ ମା' ଅନ୍ନପୂର୍ଣ୍ଣା ତାଙ୍କ ଭିତରେ ଅପୂର୍ଣ୍ଣ ବୋଧର ଜାଗରଣ କରାଇ ଦେଇ କହିଲେ - ତୁମେ ବ୍ରହ୍ମଜ୍ଞାନ ଲାଭ କରିଛ ସତ୍ୟ; କିନ୍ତୁ ଅବରବ୍ରହ୍ମଜ୍ଞାନ ବା ପ୍ରେମ ଭକ୍ତି ପଥରେ ଯେଉଁ ଭଗବତ୍ ଜ୍ଞାନ, ତାହା ତୁମର ଲାଭ ହୋଇ ନାହିଁ , ତେଣୁ ତୁମେ ପୂର୍ଣ୍ଣ ନୁହଁ । ତପୂରେ ଶ୍ରୀ ନିଗମାନନ୍ଦ ଦେବ ପ୍ରେମସିଦ୍ଧା ଗୌରୀ ଦେବୀଙ୍କ କୃପାରୁ ଅବରବ୍ରହ୍ମଜ୍ଞାନ ଲାଭ କରି ସିଦ୍ଧି ପ୍ରାପ୍ତ ହେଲେ । ଏହା ପରେ ଗୁରୁଙ୍କୁ ଦର୍ଶନ କରିବା ନିମିତ୍ତ କୁମ୍ଭମେଳାରେ ସେ ଉପସ୍ଥିତ ହୋଇ ନିଜ ଗୁରୁ ସଚ୍ଚିଦାନନ୍ଦଙ୍କୁ ପ୍ରଣାମ କରି ପରେ ଜଗଦ ଗୁରୁ ଶଙ୍କରାଚାର୍ଯ୍ୟଙ୍କୁ ପ୍ରଣାମ କରିବାରୁ ଅନ୍ୟ ସାଧୁମାନେ ଏଥିରେ ଆପତ୍ତି ଦର୍ଶାଇଲେ । ସ୍ୱାମୀ ନିଗମାନନ୍ଦ ତାହାର ଯଥୋପଯୁକ୍ତ ପ୍ରତ୍ୟୁତ୍ତର ଦେଇ ଜଗଦଗୁରୁଙ୍କୁ ସନ୍ତୁଷ୍ଟ କଲେ । ଜଗଦଗୁରୁ ଶଙ୍କରାଚାର୍ଯ୍ୟ ତାଙ୍କୁ ପରମହଂସ ଉପାଧିରେ ଭୂଷିତ କରିବାକୁ ଗୁରୁ ସଚ୍ଚିଦାନନ୍ଦଙ୍କୁ ନିର୍ଦ୍ଦେଶ ଦେଲେ । ସାଧୁ ମଣ୍ଡଳିଙ୍କ ସମ୍ମତିରେ ଗୁରୁ ସଚ୍ଚିଦାନନ୍ଦ ଶ୍ରୀ ଶ୍ରୀ ନିଗମାନନ୍ଦଙ୍କୁ ପରମହଂସ ଉପାଧି ପ୍ରଦାନ କଲେ।

ପରମହଂସ ଉପାଧି ପ୍ରାପ୍ତ ପରେ ଠାକୁର ନିଗମାନନ୍ଦ ଆସାମର କୋକିଳ ମୁଖ ଠାରେ ହିମାଳୟର ନିଭୃତ ପ୍ରଦେଶରେ ଶାନ୍ତି ଆଶ୍ରମ ବା ସାରସ୍ୱତ ମଠ ସ୍ଥାପନ କଲେ। ସତ୍ ଶିକ୍ଷା ବିସ୍ତାର ଓ ସନାତନ ଧର୍ମପ୍ରଚାର ଉଦ୍ଦେଶ୍ୟରେ ସଂଘ ସମ୍ମିଳନୀ ଅନୁଷ୍ଠାନ କଲେ । ତାଙ୍କର ମୁଖ୍ୟ ଉଦ୍ଦେଶ୍ୟ ହେଲା ସଂଘ ଓ ଭକ୍ତ ସମ୍ମିଳନୀ ମାଧ୍ୟମରେ ଆଦର୍ଶ ଗୃହସ୍ଥ ସମାଜ ଗଠନ, ସଂଘ ଶକ୍ତିର ପ୍ରତିଷ୍ଠା ଓ ଭାବ ବିନିମୟ । ଜୀବନର ଶେଷ ସମୟରେ ପୁରୀଧାମ ନୀଳାଚଳ କୁଟୀରରେ ଅବସ୍ଥାନ କରୁଥିବା ବେଳେ ସାମାନ୍ୟ ଅସୁସ୍ଥତା ନେଇ କଲିକତା ଯାତ୍ରା କଲେ ଏବଂ ୧୯୩୫ ଖ୍ରୀଷ୍ଟାବ୍ଦ ନଭେମ୍ବର ୨୯ ତାରିଖ ମାର୍ଗଶୀର ଶୁକ୍ଳ ଚତୁର୍ଥୀ ତିଥିରେ ସେଠାରେ ମହାସମାଧି ଗ୍ରହଣ କରିଥିଲେ । ଏହି ମହାତ୍ମା ତନ୍ତ୍ର, ଯୋଗ, ଜ୍ଞାନ ଓ ପ୍ରେମ ଚତୁର୍ବିଧ ସାଧନାରେ ସିଦ୍ଧହୋଇ ନିର୍ବିକଳ୍ପ ଭୂମିରୁ ଗୁରୁ ରୂପେ ଅବତୀର୍ଣ୍ଣ ହୋଇଥିଲେ । ଆଜି ତାଙ୍କ ଜନ୍ମ ଜୟନ୍ତୀରେ ଶତ ଶତ ପ୍ରଣାମ।

ଟିକାର ପ୍ରଭାବକୁ ନେଇ ପ୍ରଶ୍ନ

ଗୋପାଳ ମହାପାତ୍ର

+ ରାମଚନ୍ଦ୍ରପୁର, ରଣପୁର
(ମୋ)୯୪୩୮୪୮୫୦୯୪

କରୋନା ଟିକା ପ୍ରସଙ୍ଗରେ ସୁପ୍ରିମକୋର୍ଟଙ୍କ ମନ୍ତବ୍ୟ ହେଉଛି ବିନା ପ୍ରମାଣରେ ଟିକାର ପ୍ରଭାବ ଉପରେ ସନ୍ଦେହ କରାଯିବା ଉଚିତ୍ ନୁହେଁ। କିନ୍ତୁ ଏବେ ଦେଶରେ ଏପରିକି ସାରା ବିଶ୍ୱରେ କରୋନା ଟିକା ସଂକ୍ରମଣକୁ ରୋକିବାରେ ସକ୍ଷମ ନା ନୁହେଁ ସେ ନେଇ ଅନେକ ପ୍ରଶ୍ନ ଉଠୁଛି। ଦେଶରେ ଦୁଇଥର ବା ଦୁଇ ଡୋଜ୍ ଟିକା ନେବା ପରେ ବି ଅନେକ ଲୋକ ପୁନର୍ବାର କରୋନା ଭାଇରସ୍ ଦ୍ୱାରା ସଂକ୍ରମିତ ହେଉଥିବା ଜଣାପଡିଛି। ପାଖାପାଖି ୧୦ ପ୍ରତିଶତ ଟିକା ନେଇଥିବା ବ୍ୟକ୍ତିଙ୍କ ଦେହରେ ଆଣ୍ଟିବଡ଼ି ସୃଷ୍ଟି ହେଉନାହିଁ। ଏହି କାରଣରୁ ୟୁରୋପ ମହାଦେଶର ଅନେକ ଦେଶରେ କରୋନା ଟିକାକୁ ବିରୋଧ କରାଯାଉଛି। ଆମେରିକାରେ ଟିକା ନେବା ପାଇଁ ଲୋକଙ୍କୁ ଆର୍ଥିକ ସହାୟତା ଦେବା ପାଇଁ ସେଠାକାର ସରକାର ଘୋଷଣା କରିଛନ୍ତି। କଥା ହେଉଛି ଟିକାକୁ ନେଇ ବିଶେଷ ଭାବେ ଭାରତରେ ସମସ୍ୟା ରହିଛି। କାରଣ କ୍ଲିନିକାଲ୍ ଟ୍ରାଏଲ୍ ବାବଦରେ ତଥ୍ୟ ସାର୍ବଜୀନୀନ କରାଯାଉନାହିଁ। ଏହି କ୍ଲିନିକାଲ୍ ଟ୍ରାଏଲ୍ ସମ୍ପର୍କିତ ତଥ୍ୟ ପ୍ରକାଶ କରାଗଲେ ସେଥିରୁ ଟିକାର ପ୍ରଭାବ ସମ୍ପର୍କରେ ଜଣାପଡନ୍ତା। ଏବେ ସୁପ୍ରିମକୋର୍ଟ କ୍ଲିନିକାଲ୍ ଟ୍ରାଏଲର ତଥ୍ୟ ସର୍ବସାଧାରଣରେ ପ୍ରକାଶ କରିବା ପାଇଁ କେନ୍ଦ୍ର ସରକାରଙ୍କୁ ନୋଟିସ ଜାରି କରିଛନ୍ତି। କିନ୍ତୁ ବିଚାରପତି ଏଲ୍ ନାଗେଶ୍ୱର ରାଓ ଏବଂ ବିଚାରପତି ଅନିରୁଦ୍ଧ ବୋଷଙ୍କ ଖଣ୍ଡପୀଠ ଟିକାକରଣ ପ୍ରସଙ୍ଗରେ ହସ୍ତକ୍ଷେପ କରିବା ପାଇଁ ମନା କରିଦେଇଛନ୍ତି। ଟିକାକରଣ ପ୍ରସଙ୍ଗରେ ରାଷ୍ଟ୍ରୀୟ ବୈଷୟିକ ପରାମର୍ଶଦାତା କମିଟିର ପୂର୍ବତନ ସଦସ୍ୟ ଜାକବ ପୁଲିୟେଲଙ୍କ ପକ୍ଷରୁ ଦାଏର କରାଯାଇଥିବା ଏକ ଜନସ୍ୱାର୍ଥ ମାମଲାର ଶୁଣାଣି କରିବା ପାଇଁ କୋର୍ଟ ରାଜି ହୋଇଛନ୍ତି। ଏହି ଜନସ୍ୱାର୍ଥ ମାମଲାରେ ଆବେଦନକାରୀ ଜାକବ ପୁଲିୟେଲ କରୋନା ଟିକାର କ୍ଲିନିକାଲ ଟ୍ରାଏଲ ତଥ୍ୟକୁ ସାର୍ବଜନୀନ କରାଯିବା ପାଇଁ ଆବେଦନ କରିଛନ୍ତି। ଦ୍ୱିତୀୟତଃ ଟିକାକରଣକୁ ବାଧ୍ୟତାମୂଳକ କରାନଯିବା ପାଇଁ କୋର୍ଟଙ୍କୁ ନିବେଦନ କରିଛନ୍ତି। କୋର୍ଟ ତାଙ୍କ ମନ୍ତବ୍ୟରେ କହିଛନ୍ତି ଯେ, କୋର୍ଟ ଏମିତି କିଛି ନିର୍ଦ୍ଦେଶ ଦେଇପାରିବେ ନାହିଁ। ଯାହାଦ୍ୱାରା ସନ୍ଦେହ ଅଧିକ ବୃଦ୍ଧି ପାଇବ। ସ୍ଥିତି ଏବେ ବିପଦଜନକ। କେହି ବି ସୁରକ୍ଷିତ ରହିପାରିବେ ନାହିଁ ଯଦି ଟିକାକରଣ ନହେବ। ଏଥିପାଇଁ ସାରା ବିଶ୍ୱରେ ଟିକାକରଣ ଚାଲିଛି।

ଜାକବ ପୁଲିୟେଲଙ୍କ ତରଫରୁ ଦାଏର ମାମଲା ଏବେ ବିଚାରଧୀନ। ଆବେଦନକାରୀଙ୍କ ଆବେଦନକୁ କୋର୍ଟ ଗ୍ରହଣ କରିଥିବା ଦୃଷ୍ଟିରୁ ଜାକବଙ୍କ ଯୁକ୍ତି ଯେ, ମୂଲ୍ୟହୀନ ତାହା କୁହାଯାଇ ପାରିବନାହିଁ। ଆମେରିକାରେ ଟିକାକରଣ ପରେ ଏଯାବତ୍ ୧୨ହଜାର ଲୋକଙ୍କର ମୃତ୍ୟୁ ହୋଇସାରିଲାଣି। ଏହା ହେଉଛି ସେ ଦେଶର ସରକାରୀ ତଥ୍ୟ। ଭାରତରେ ଯଦିଓ ସରକାର କହୁଛନ୍ତି ଯେ, ଟିକା ନେବା ବାଧ୍ୟତାମୂଳକ ନୁହେଁ ତଥାପି ସ୍ୱାସ୍ଥ୍ୟ ବିଭାଗର ନିର୍ଦ୍ଦେଶ ଅନୁସାରେ ଏହା ଏକାନ୍ତ ଆବଶ୍ୟକ ବୋଲି କୁହାଯାଉଛି। ମୁଖ୍ୟ କଥା ହେଉଛି ଭାରତରେ ଯେଭଳି ପ୍ରକାରର ଲାଇସେନ୍ସ ପ୍ରଦାନ କରା

ଅନିୟନ୍ତ୍ରିତ ଜୀବନ ପରିଚର୍ଯ୍ୟାର ପ୍ରତିଫଳନ ଗାଉଟ ରୋଗ

ଡାଃ ଗିତାଞ୍ଜଳୀ ପାଢୀ
ବରିଷ୍ଠ ଶିଶୁରୋଗ ବିଶେଷଜ୍ଞ,
ଉମରକୋଟ, ନବରଙ୍ଗପୁର,
ମୋ:୯୪୩୭୨୩୫୩୮୬

Gout is a disease in which crystals are formed in and around joint with rapid onset, pain and swelling

ଗାଉଟ ରୋଗ ମଣିଷର ବିଭିନ୍ନ ଗଣ୍ଠି ବିଶେଷତଃ ଗୋଡର ବୁଢା ଆଙ୍ଗୁଠିକୁ ଆକ୍ରାନ୍ତ କରିଥାଏ । ପ୍ରାୟ ପ୍ରତି ୫୦ ଜଣରେ ଆଜିକାଲି ଜଣେ ଏହି ରୋଗରେ ଆକ୍ରାନ୍ତ ହେଉଛନ୍ତି । ଅପ୍ରାକୃତିକ ଜିବନ ଶୈଳି ଯୋଗୁ ଏହି ରୋଗ ଦିନକୁ ଦିନ ବଢିଚାଲିଛି । କାରଣ: ଆମ ଶରୀରରେ ବିଭିନ୍ନ ରାସାୟିନିକ ପ୍ରକ୍ରୀୟା ରେ ୟୁରିକ ଏସିଡ ନାମରେ ଏକ ବର୍ଜ୍ୟ ବସ୍ତୁ ନିର୍ଗତ ହୁଏ । ଖାଦ୍ୟ ରେଥିବା ପିୟୁରିନ ନାମକ ବସ୍ତୁରୁ ଏହା ତିଆରି ହୁଏ । ପିୟୁରିନ ପ୍ରତ୍ୟେକ କୋଷର ନ୍ୟୁକ୍ଲିଅସରେ ନାଇଟ୍ରୋଜେନ ଯୁକ୍ତ ଏକ କେମିକାଲ । ପକ୍ଷୀ ମାନଙ୍କର ମଳରେ ଏହି ବସ୍ତୁ ଅଧିକ ରହି ତାକୁ ଧଳାରଙ୍ଗ କରିଥାଏ । ସାଧାରଣ ମଣିଷର ରକ୍ତରେ ୩ରୁ ୬ ମିଲିଗ୍ରାମ/ ୧୦୦ ମିଲି ପରିମାଣରେ ଏହା ରହିଥାଏ । ସ୍ତ୍ରୀ ମାନଙ୍କ ରକ୍ତରେ ଏହାର ପରିମାଣ କିଂଚତ କମ ରହେ । ଖାଦ୍ୟରେ ମିଳୁଥିବା ପିଉରିନ ନାମକ ବସ୍ତୁକୁ ଭାଙ୍ଗି ୟୁରିକ ଏସିଡ ତିଆରି ହୋଇ ଶରୀରରୁ ନିର୍ଗତ ହୁଏ । ଏହାର ପରିମାଣ କୌଣସି କାରଣରୁ ବଢିଗଲେ ତାହା କ୍ରିଷ୍ଟାଲ ରେ ପରିଣତ ହୋଇ ଗଣ୍ଠି ମାନଙ୍କରେ ଜମିଯାଏ ଓ Inflamatory change କରିଥାଆନ୍ତି । ଏହାକୁ ଗାଉଟ(Gout) କୁହାଯାଏ । କେତେକ ଖାଦ୍ୟରେ ପିଉରିନ ଅଧିକ ଥାଏ । ସେଗୁଡିକ ହେଲା ରେଡ ମିଟ, ସମୁଦ୍ର ମାଛ, ଆଲକୋହଲ (ବିଅର ଜାତିୟ), ଅଧିକ ଜଙ୍କ ଫୁଡ, ସଂରକ୍ଷିତ ହେଇଥିବା ଫଳରସ ଡାଲି ଇତ୍ୟାଦି । ନିୟମିତ ବ୍ୟାୟାମର ଅଭାବ, ଆଳସ୍ୟ, ଧୂମ୍ରପାନ ଆଦି ମଧ୍ୟ ଏହି ରୋଗକୁ ବଢାଇ ଥାଏ । ଏହା ଅନେକ କ୍ଷେତ୍ରରେ ବଂଶଗତ ମଧ୍ୟ ହୋଇଥାଏ ।

ଲକ୍ଷଣ: ଏହି ରୋଗ ଗୋଡର ବୁଢା ଆଙ୍ଗୁଠିରୁ ଆରମ୍ଭ ହୁଏ । କୌଣସି କାରଣ ନଥାଇ ଆଙ୍ଗୁଠି ହଟାତ୍‌ଫୁଲି ଯାଏ । ରୋଗୀ ଭାବେ କୌଣସି ଆଘାତ ବାଜି ହୋଇଛି । ଆଙ୍ଗୁଠି ଫୁଲି ଯାଏ, ଲାଲ ପଡିଯାଏ, ଗରମ ଲାଗେ । ପ୍ରାୟ ୭/୮ ଦିନ ପରେ ଲକ୍ଷଣ କମିଯାଏ । ରକ୍ତରେ ୟୁରିକ ଏସିଡ ଅଧିକ ଥିବାର ପରୀକ୍ଷାରୁ ଜଣା ଯାଏ । ଚିକିତ୍ସା ନକଲେ ବାରମ୍ବାର ଏପରି ହୁଏ ଓ ଗଣ୍ଠି ଅକାମୀ ହୋଇପଡେ । ଶରୀରର ଅନ୍ୟ ଅଙ୍ଗରେ ମଧ୍ୟ ୟୁରିକ ଏସିଡ ଜମି ତାହାର କାର୍ଯ୍ୟକାରିତା କମାଇଦିଏ ।

ରୋଗ ନିରୁପଣ: ରକ୍ତରେ ୟୁରିକ ଏସିଡର ପରିମାଣକୁ ମାପି ରୋଗ ଚିହ୍ନା ଯାଏ । ସାଧାରଣ ପୁରୁଷର ୩ରୁ ୬.୮ ଓ ସ୍ତ୍ରୀର ୩ରୁ ୬ମି ଲିଗ୍ରାମ / ଡେକା ଲିଟରରୁ ଅଧିକ ରହିଲେ ଗାଉଟ ସମ୍ଭାବନା ରହେ । ତାଛଡା ଗଣ୍ଠିର ଏକ୍ସ ରେ, ହାର୍ଟ, କାଦ୍ନୀର ଅବସ୍ଥା ମଧ୍ୟ ନିରୁପଣ କରାଯାଏ । ୟୁରିକ ଏସିଡରେ ନାଇଟ୍ରୋଜେନ, କାରବନ, ହାଇଡ୍ରୋଜେନ ଓ ଅକ୍ସିଜେନ ଅଣୁ ରହିଥାଏ ।

ଚିକିତ୍ସା ଓପ୍ରତିଷେଧ: ଏହି ରୋଗକୁ ଦୁଇ ପ୍ରକାର ସାମନା କରିହୁଏ । ଖାଦ୍ୟରେ କମ ପିଉରିନ ଯୁକ୍ତ ପଦାର୍ଥ ଅଧିକ ରଖି ଓ ଏହାର ନିଷ୍କାସନକୁ ବଢେଇଦେଇ । ରେଡ ମିଟ ବା ଅରଗାନ ମିଟ(ଲିଭର, ହାର୍ଟ, କିଡ୍ନୀ) ଯୁକ୍ତ ମାଂସ, ଅଧିକ ଫ୍ୟାଟ ଯୁକ୍ତ ସାମୁଦ୍ରିକ ମାଛ (ସାଲମନ, ସେଲ ଫିସ, ଟ୍ରାଉଟ), ଆଲକୋହଲ, ଧୂମ୍ରପାନ, ପ୍ୟାକେଟରେ ମିଳୁଥିବା ଫଳରସରେ ପିଉରିନ ଅଧିକ ଥାଏ । ଏହି ଜାତିୟ ଖାଦ୍ୟ ଯଥା ସମ୍ଭବ କମ ଖାଇବା ଆବଶ୍ୟକ । ଡାଲିକୁ ବତୁରାଇ ଖାଇବ । ବିଭିନ୍ନ ଫଳମୂଳ ବିଶେଷତଃ ନଟ ଜାତିୟ ଖାଦ୍ୟ, ଭୂମଧ୍ୟ ସାଗରୀୟ ଫଳ, ରେଡ ଓ ବ୍ଲୁ ଚେରୀରେ ପିଉରିନ କମ ଥାଏ ।

ଔଷଧ: ଏହାର ଚିକିତ୍ସାରେ ବିଭିନ୍ନ ଔଷଧ ଦିଆଯାଏ । Non steroidal Anti Infiamatory Drugs-Ibuprofen, Naproxe, Indomethacin, Celecoxib Colchisin ଏହି ଜାତିୟ ଔଷଧ ବ୍ୟଥା ଓ ଫୁଲା କମାଇବାରେ ସାହାଯ୍ୟ କରେ । ମାତ୍ର ଏହାର ପାର୍ଶ୍ୱ ପ୍ରତିକ୍ରିୟା ଅଧିକ ଦେଖାଦିଏ ।

CORTICOSTEROID: ଏହା ବଟିକା ବା ପିଲ, ଇଂଜେକସନ ଓ ଜଏଣ୍ଟ ମଧ୍ୟକୁ ଇଂଜେକସନ ଆକାରରେ ଦିଆଯାଇ ବ୍ୟଥା କମିବାରେ ସାହାଯ୍ୟ କରେ । ମାତ୍ର ଏହା ମାନସିକ ଅବସ୍ଥାର ଭାରସମ୍ୟ,ରକ୍ତ ଶର୍କରା ଓ ରକ୍ତଚାପକୁ ବଦଳାଇଦିଏ । ୟୂରିକ ଏସିଡ କମ ତିଆରି କରି: ଆଲୋ ପିଉରିନଲ ଓ ଫେବିକ୍ସୋଷ୍ଟାଟ- ଏହି ଜାତୀୟ ଔଷଧ, ୟୁରିକ ଏସିଡ ତିଆରି କମାନ୍ତି । ଏଗୁଡିକର ମଧ୍ୟ ପାର୍ଶ୍ୱ ପ୍ରତିକ୍ରିୟା ଅଛି । ପ୍ରୋବେନସିଡ ନାମକ ଔଷଧ କିଡ୍ନୀରେ ୟୁରିକ ନିଷ୍କାସନ ବଢାଇ ଦିଏ ।

ଘରୋଇ ଚିକିତ୍ସା: ପ୍ରଚୁର ପାଣି ପିଅ, ଆଲକୋହଲ ଓ ଫ୍ରୁଟ ସୁଗାର ଅତ୍ୟଧିକ ଖାଅ ନାହିଁ । ଓଜନ କମାଅ । ଅତ୍ୟଧିକ ମାଂସ ଆହାର ବର୍ଜନ କର । ନିୟମିତ ବ୍ୟାୟାମ ଓ ସାଇକେଲ ଚାଳନା କର ।

ଭିଟାମିନ ସି, ପାଥେନିକ ଏସିଡ, ଫ୍ଲାବୋନଏଡ (ଗ୍ରିନ ଟି), ବ୍ରୋନେଲିନ (ଏକ ଏଂଜାଇମ)-ସପୁରୀର ମଝି ଅଂଶରେ ଥାଏ, ଫାଇଟୋ ଇନଫ୍ଲାମ (କୁକୁମିନ (ହଳଦି) ଅଦା ଓ ଗୋଲମରିଚରେ ଥିବା ବସ୍ତୁ ସୁଫଳ ଦେଇଥାଏ । କ୍ରିଲ ଅଏଲ, ଏସିଡୋଫିଲସ ପ୍ଲସ (ଅନ୍ତନଳୀରେ ନିଷ୍କାସନ ବଢାଏ) ଏସବୁ ଖାଇଲେ ସୁଫଳ ମିଳେ । ଏସବୁ ଅନୁଧ୍ୟାନ କଲେ ଜଣା ଯାଏ ଯେପରି କୌଣସି ଗୋଟିଏ ମୁଖ୍ୟ କାରଣ ଯୋଗୁ ରୋଗ ହୁଏନାହିଁ,ସେହିପରି ଏହାର ପ୍ରତିଷେଧ ପାଇଁ ଗୋଟିଏ ମୁଖ୍ୟ ବ୍ୟବସ୍ଥା ନାହିଁ । ଏକ ଶୃଂଖଳିତ ଜୀବନ, ମିତହାର ହିଁ ଆମକୁ ଗାଉଟ କବଳରୁ ରକ୍ଷା କରି ପାରିବ ।

ନୂଆ ଧରଣର ବ୍ୟବସାୟିକ ଆଲୋଚନା

ପ୍ରତ୍ୟେକ କାର୍ଯ୍ୟାଳୟରେ ମୁଖ୍ୟ ଅଧିକାରୀ ଓ କର୍ମଚାରୀଙ୍କ ମଧ୍ୟରେ ନିୟମିତ ଭାବେ ମିଟିଂ ହେବା ଏକ ସାଧାରଣ ପ୍ରସଙ୍ଗ । ବଡ଼ ବଡ଼ ହଲ ଏଥିନିମନ୍ତେ ପୂର୍ବରୁ ପ୍ରସ୍ତୁତ କରାଯାଇଥାଏ । ତେବେ

ଏକବିଂଶ ଶତାବ୍ଦୀରେ ଏଇ ମିଟିଂ ହେବାର ଢ଼ାଞ୍ଚା ବଦଳିଛି । ବିଶ୍ୱସ୍ତରରେ ପରିଚିତ ମାଇକ୍ରୋସଫ୍ଟର ସହ-ପ୍ରତିଷ୍ଠାତା ବିଲ ଗେଟସ, ଫେସବୁକର ସହ-ପ୍ରତଷ୍ଠାତା ମାର୍କ ଜୁକରବର୍ଗ ନିଜ ସାଥି କର୍ମଚାରୀଙ୍କ ସହ କାର୍ଯ୍ୟାଳୟ ପ୍ରାଙ୍ଗଣରେ ବୁଲିବୁଲି ମିଟିଂ କରିଥାନ୍ତି । ନିଜେ ମାର୍କ ଏଇ ତଥ୍ୟ ଫେସବୁକରେ ଉଲ୍ଲେଖ କରିଥିବାବେଳେ ବିଲ ଗେଯସ ମଧ ଏହା କହିଛନ୍ତି । ବିଳଙ୍କ ମତରେ ସେ କାର୍ଯ୍ୟାଳୟ ସମ୍ମୁଖ ବଗିଚରେ ବୁଲିବୁଲି ସାଥିମାନଙ୍କ ସହ ଆଲୋଚନା କରନ୍ତି । ଏଇ ପ୍ରକ୍ରିୟା ତାଙ୍କୁ ଖୁବ୍ ମଜାଦାର ଲାଗେ । ଏହା ସହ ଚାଲିବା ସମରେ ସେ ବିଭିନ୍ନ ନୂତନ ତଥ୍ୟର ଶୁଭାରମ୍ଭ କରିପାରିଛନ୍ତି । ମାର୍କଙ୍କ ମତରେ କୌଣସି ଏକ ସ୍ଥାନରେ ବସି ମିଟିଂ କରିବାର ଅର୍ଥ ସାଥି କମଚାରୀଙ୍କୁ ବାଧ କରିବା ଯେ ଯାହା ସେ କହୁଛନ୍ତି, ସେମାନେ ଶୁଣିବାକୁ ବାଧ । ଏହା ସହ ସେ ବିଳ ଗେଟସଙ୍କ ସଂସ୍ପର୍ଶରେ ଆସିବା ପରେ ଏଇ ଚଲାବୁଲା ମିଟିଂ ବିଷୟରେ ସେ ଅବଗତ ହୋଇ ତୁରନ୍ତ କାର୍ଯ୍ୟକାରୀ କରିଥିଲେ । ଗବେଷକଙ୍କ ମତରେ ଚାଲିବା ସମୟରେ ଆମ ଶରୀରରୁ ଶକ୍ତି ଉତ୍ପନ୍ନ ହେବା ସହ ମସ୍ତିଷ୍କକୁ ମଧ ଶକ୍ତି ମିଳେ, ଯାହା ଦ୍ୱାରା ମନରେ ନୂତନ ଚିନ୍ତାଧାରା ସୃଷ୍ଟି ହୋଇଥାଏ ଏହା ସହ ଚଲାବୁଲା ମିଟିଂରେ ଅତିବେଶୀରେ ୪-୪ ଜଣ ଏକତ୍ର ହୋଇ କଥାବାର୍ତ୍ତା କରିପାରନ୍ତି । ଏଇ ପ୍ରକ୍ରିୟାଟି ଖୁବ୍ ମଜାଦାର ଲାଗୁଥିବାରୁ ସମସ୍ତେ ଏଇ ନୂତନ ପ୍ରକ୍ରିୟାକୁ ଆପଣାଉଛନ୍ତି ।

ୱେଷ୍ଟ କୋଟ୍

ୱେଷ୍ଟକୋଟର ଚାହିଦା ଆଗରୁ ଥିଲା, ଆଜି ବି ରହିଛି । ପାଶ୍ଚାତ୍ୟ ରାଷ୍ଟ୍ରରେ ମହିଳାମାନେ ବହୁ ପୂର୍ବରୁ ୱେଷ୍ଟକୋଟ୍ ପରିଧାନ କରୁଥିଲେ ଗତ କିଛି ବର୍ଷ ହେବ ଏହି ଫେସନ ଭାରତକୁ ଆସିଛି । ବିଶେଷ କରି କର୍ମଜୀବୀ ମହିଳାମାନଙ୍କ କ୍ଷେତ୍ରରେ ଏହା ବେଶ୍ ଆଦୃତ । ୱେଷ୍ଟକୋଟ୍ ମହିଳାମାନଙ୍କୁ ସ୍ଲିମ୍, ଟ୍ରିମ ଲୁକ୍ ପ୍ରଦାନ କରେ । ତା ସହିତ ଏହାକୁ ସାର୍ଟ, କୁର୍ତ୍ତି, ୱାନପିସ ପରି ବିଭିନ୍ନ ଆଉଟଫିଟ୍‌ରେ ଆପଣ ପିନ୍ଧି ପାରିବେ । ନିଜ ଲୁକୁ ଯଦି ଫର୍ମାଲ ଟଚ୍ ଦେବାକୁ ଚାହୁଁଛନ୍ତି, ତାହେଲେ ଜିନ୍ ବା ଫର୍ମାଲ ପ୍ୟାଣ୍ଟ ସହିତ ସାର୍ଟ ଏବଂ ତା ଉପରେ ୱେଷ୍ଟକୋଟ ପିନ୍ଧନ୍ତୁ । ଧଳା ସାର୍ଟ; ଉପରେ କଳା କିମ୍ବା ଗାଢ଼ ବା ଫିକା ନୀଳ ରଙ୍ଗର ୱେଷ୍ଟକୋଟ ଆପଣଙ୍କ ବ୍ୟକ୍ତିତ୍ୱକୁ ଆହୁରି ଆକର୍ଷଣୀୟ କରିବ । ପାର୍ଟି ବା ଉତ୍ସବକୁ ଯାଉଥିବା ବେଳେ ଆପଣ ଚମକଦାର ଆଉଟଫିଟ୍ସ ଉପରେ ରାଜସ୍ଥାନୀ ୱେଷ୍ଟକୋଟ ପିନ୍ଧନ୍ତୁ, ଦେଖିବେ ବ୍ୟକ୍ତିତ୍ୱର ଚମକ ଆସିଯିବ । ଫର୍ମାଲ ଓ ରାଜସ୍ଥାନୀ ସହିତ ଆଜିକାଲି ବଜାରରେ ଡେନିମ, ଫ୍ଲୋରାଲ, ଟ୍ରାଇବାଲ, ଜ୍ୟୋମେଟ୍ରିକ୍, ଏଥନିକ ପ୍ରଭୃତି ବିଭିନ୍ନ ଡିଜାଇନର ୱେଷ୍ଟକୋଯ

ଉପଲବ୍ଧ । ଚେହେରା ଓ ବ୍ୟକ୍ତିତ୍ୱକୁ ସୁହାଇଲା ପରି ଆପଣ ନିଜ ପାଇଁ ମନପସନ୍ଦର ୱେଷ୍ଟ କୋଟ ବାଛି ପାରିବେ । ବର୍ତ୍ତମାନ ଡେନିମ ଏବଂ ରାଜସ୍ଥାନୀ ୱେଷ୍ଟକୋଟ ଚାହିଦା ବେଶୀ । କାରଣ ଏହାର ସଫ୍ଟ ଫେବ୍ରିକ ଶରୀରକୁ ଖରାଦାଉରୁ ରକ୍ଷା କରିଥାଏ ।

ଉଚ୍ଚ ରକ୍ତଚାପ: ଏକ ନିରବ ଘାତକ



ଭାରତରେ ସମୁଦାୟ ଲୋକସଂଖ୍ୟାର ଶତକଡ଼ା ୪୦ ଭାଗ ରକ୍ତଚାପରେ ଆକ୍ରାନ୍ତ । ଏମାନଙ୍କ ମଧ୍ୟରୁ ଶତକଡ଼ା ୧୦ ଭାଗ ପ୍ରକୃତରେ ଚିକିତ୍ସା ପାଇଥିବାବେଳେ ଆଉ ୨୦ ଭାଗ ରୋଗ ଅଛି ବୋଲି ଜାଣନ୍ତି ନାହିଁ । କାରଣ, କେବେ ବି ତାଙ୍କର ବ୍ଲଡପ୍ରେସର ମାପନ ହୋଇନଥା, । ଅନ୍ୟମାନଙ୍କର ମାନସିକତା ଅସଦଭୁତ । ସେମାନଙ୍କର ଂହେତୁ କିଛି ଶାରୀରିକ ଅସୁସ୍ଥତା ଦେଖାଦେଉ ନପାହିଁ, ସେଥିପାଇ ଚିକିତ୍ସା ପ୍ରତ୍ୟାଖ୍ୟାନ କନ୍ତି । ଆଉ କେତେଜଣ ଚିକିତ୍ସିତ ହେଉଥିଲେ ମଧ ଠିକଠାକ୍ ଔଷଧ ଖାଆନ୍ତି ନାହିଁ । ଏମାନଙ୍କ ମଧ୍ୟରୁ ମାତ୍ର ଶତକଡ଼ା ୫ଭାଗ ଲୋକ ପ୍ରତିଦିନ ଔଷଧ ଖାଆନ୍ତି । ଏକ ପରିସଂଖ୍ୟାନରୁ ଜଣାପଡ଼ିଛି, ବିଶ୍ୱରେ ବର୍ଷକୁ ୭୫ଲକ୍ଷ ଲୋକ ରକ୍ତଚାପରେ ମୃତ୍ୟୁବରଣ କରୁଛନ୍ତି ଓ ମୃତ୍ୟୁର କାରଣମାନଙ୍କ ମଧ୍ୟରେ ଉଚ୍ଚରକ୍ତଚାପଜନିତ ହୃଦଘାତ ଓ ମସ୍ତିଷ୍କଘାତ ସବୁଠାରୁ ଅଧିକ । ସଚେତନତା ଉନ୍ନତମାନର ଚିକିତ୍ସା ଦ୍ୱାରା କାନାଡ଼ା, ଅଷ୍ଟ୍ରେଲିଆ ଓ ୟୁରୋପ ମହାଦେଶର ରକ୍ତଚାପ ରୋଗୀଙ୍କ ସଂଖ୍ୟା କ୍ରମଶଃ କମିବାରେ ଲାଗିଛି ।

ଉଚ୍ଚ ରକ୍ତଚାପ ସହ ଜଡ଼ିତ କେତେକ କାରଣ:

ସ୍ଥାନ ପରିବର୍ତ୍ତନ ଆଫ୍ରିକାରୁ ଅନେକ ଲୋକ ଆମେରିକା ଆସି ବାସ କରୁଥିବାବେଳେ ସେମାନଙ୍କ ଖାଦ୍ୟ ଶୈଳୀରେ ବ୍ୟାପକ ପରିବର୍ତ୍ତନ ଆସିଛି । ପାଶ୍ଚାତ୍ୟ ଲୋକଙ୍କ ଭଳି ଅଧିକ ଲୁଣ, ତେଲ ଓ ଚର୍ବି ଜାତୀୟ ଖାଦ୍ୟର ପ୍ରଚଳନ ଶାରୀରିକ ପରିଶ୍ରମ ହ୍ରାସ, ଧୂମପାନ ଓ ମଦପାନର ଅଭ୍ୟାସ ଆପଣାଇଛନ୍ତି । ନିଜ ଭିଟାମାଟି ଛାଡ଼ି ଅନ୍ୟତ୍ର ଖାପଖୁଆଇ ଚଳିବାଜନିତ ମାନସିକ ଚାପ ରକ୍ତଚାପ ବଢ଼ାଉଛନ୍ତି । ପ୍ରବାସୀ ଭାରତୀୟଙ୍କ କ୍ଷେତ୍ରରେ ବି ସେହି କଥା ।

ବୟସ ଭିତ୍ତିରେ:

୦ରୁ୧୮ ବର୍ଷ ବୟସ ମଧ୍ୟରେ ଏହି ରୋଗର ଦେଖିବାକୁ ମିଳେ ନାହିଁ । ୧୯-୪୦ ବର୍ଷ ବୟସ ମଧ୍ୟରେ ସାଧାରଣ ଭାବରେ ଦେଖିବାକୁ ମିଳିଥା, ।

ମେଦବହୁଳତା: ମେଦବହୁଳତାକୁ ହାଇ ବ୍ଲଡପ୍ରେସରରର ଏକ ଗୁରୁତ୍ୱପୂର୍ଣ୍ଣ ଆଶଙ୍କା ବା କାରଣ ଭାବେ ଗ୍ରହଣ କରାଯାଏ ।

ଲିଙ୍ଗଭିତ୍ତିକ:

ପୁରୁଷ ଓ ମହିଳାଙ୍କ କ୍ଷେତ୍ରରେ ଯଦିଚ ଏହା ସମାନ ପରିମାଣରେ ଦେଖାଯାଏ, ତଥାପି କମ ବୟସର ପୁରୁଷ ଓ ଅଧିକ ବୟସର ମହିଳାଙ୍କ ମଧ୍ୟରେ ବେଶି ଦେଖାଦେଇଥାଏ ।

ଅନିୟନ୍ତ୍ରିତ ଖାଦ୍ୟ:- ଚଟପଟି ଖାଦ୍ୟ, ଡବା ଖାଦ୍ୟ, ଅଧିକ ଲୁଣ ଓ ଚର୍ବିଚାତୀୟ ଖାଦ୍ୟ ଏଥିପାଇଁ ଅନେକାଂଶରେ ଦାୟୀ ।

ଶାରୀରିକ ପରିଶ୍ରମର ଅଭାବ:

ଆଧୁନିକ ଜୀବନଶୈଳୀରେ ଏହା ସାଧାରଣ କଥା ହୋଇଯାଇଛି । ଏପରି ସ୍ଥିତିରେ ଅନେକ ମେଦବହୁଳତାର ଶିକାର ହୋଇଥାଆନ୍ତି । ମାନସିକ ଓ ଶାରୀରିକ ଚାପ ଏଥିପାଇଁ ଏକ ବଡ଼ କାରଣ ବୋଲି ଜଣାପଡ଼ିଛି ।

ବଂଶାନୁକ୍ରମିକ:

ପରିବାର ମଧ୍ୟରେ ଏହା ବହୁଳ ଭାବେ ଦେଖାଯୁଥିବାରୁ ଏହା ବଂଶାନୁକ୍ରମିକ ଭାବେ ଗ୍ରହଣ କରାଯାଇଛି ।

ଚପଲ ପିନ୍ଧିବା ମନା

ଖରା ହେଉ କି ବର୍ଷା ବିନା ଚପଲରେ ବାହାରକୁ ଯିବା ଲାଗି ମନ ହୁଏ ନାହିଁ । ଏଠାରେ କିନ୍ତୁ ଗ୍ରାମବାସୀ ଗାଁ ଭିତରେ ଆଦୌ ଚପଲ ପିନ୍ଧନ୍ତି ନାହିଁ । ଏଥିପାଇଁ ଧନୀ- ଦରିଦ୍ରର ବାଛବିଚାର ନଥାଏ । ଏପରିକି ବାହାରର କେହି ଲୋକ ତାଙ୍କ ଗାଁ ଭିତରକୁ ଚପଲ ପିନ୍ଧି ଚାଲିଆସିଲେ ବି ସେମାନେ ବିରକ୍ତ ହୋଇଥାନ୍ତି । ତାମିଲନାଡୁର ମଦୁରାଇଠାରୁ ୨୦କିଲୋମିଟର ଦୂରରେ ଏହି ଗାଁ ରହିଛି । ଗାଁର ନାମ କଲିମାୟନ । ବର୍ଷ ବର୍ଷ ଧରି ଗାଁର ଛୋଟଠାରୁ ବୁଢ଼ା ପର୍ଯ୍ୟନ୍ତ କେହି ବି ଚପଲ ପିନ୍ଧି ଗାଁ ଭିତରୋ ଚାଲନ୍ତି ନାହିଁ । କେହି ଏହି ନିୟମର ଅବମାନନା କଲେ ତାଙ୍କୁ କଠୋର ଦଣ୍ଡ ମିଳିଥାଏ । ଗ୍ରାମବାସୀମାନେ କାହିଁ କେଉଁକାଳରୁ ଅପାଛି ନାମକ ଦେବତାଙ୍କୁ ପୂଜା କରିଆସୁଛନ୍ତି । ଏହି ଦେବତା ସମଗ୍ର ଗ୍ରାମର ସୁରକ୍ଷା କରୁଛନ୍ତି ବୋଲି ସେମାନଙ୍କର ଦୃଢ଼ ବିଶ୍ୱାସ । ଦେବ୍‌ତାଙ୍କ ପ୍ରତି ଭକ୍ତି ପ୍ରଦର୍ଶନ କରିବା ଲାଗି ଗ୍ରାମ ସୀମା ମଧ୍ୟରେ ଜୋତା, ଚପଲ ପିନ୍ଧିବା ବାରଣ

କରାଯାଇଛି । ପିଢ଼ି ପରେ ପିଢ଼ି ସେମାନେ ଏହି ପରମ୍ପରା ପାଳନ କରିଆସୁଥିବା ବେଳେ ଯଦି ବାହାରକୁ ଯିବାକୁ ହୁଏ, ତେବେ ଗ୍ରାମର ସୀମା ବାହାରକୁ ଯିବା ପରେ ହିଁ ସେମାନେ ସାଙ୍ଗରେ ନେଇ ଥିବା ଜୋତା କି ଚପଲ ପିନ୍ଧିଥାନ୍ତି ।

ବାଲୁକା ହୋଟେଲ



ପିଲାବେଳେ ବାଲିରେ ଖେଳୁ ଖେଳୁ ଆମେ ଗଢ଼ିଥାନ୍ତି କେତେ ଘର, କେତେ ମହଲ । ଏହାରି ଭିତରେ ଟିକେ ଶାଇପଡ଼ିବାକୁ ମନ ହୋଇଥାଏ । କିନ୍ତୁ ଏହି ସ୍ୱପ୍ନ ଭାଙ୍ଗି ଚୁରମାର ହୋଇଯାଏ ମୁହୂର୍ତ୍ତକରେ । ପିଲାବେଳର ସେହି ସ୍ୱପ୍ନ ଏବେ ପୂରଣ କରୁଛି ଡଚ୍ ବାଲୁକା ଶିଳ୍ପୀଙ୍କ 'ବାଲୁକା ଦୁର୍ଗ ହୋଟେଲ'। ଡଚ୍ ସହର ଓସରେ ନିର୍ମିତ ଏହି ହୋଟେଲ ପାଇଁ ପ୍ରେରଣା ମିଳିଥିଲା ଫିନଲ୍ୟାଣ୍ଡ ଓ ସ୍ୱିଡ଼େନର ବରଫ ହୋଟେଲରୁ । ସ୍କାଣ୍ଡିନେଭିଆନ ବରଫ ହୋଟେଲ ପରି ବାଲୁକା ହୋଟେଲ ବି କ୍ଷଣସ୍ଥାୟୀ । ଏହା ଗ୍ରୀଷ୍ମ ଶେଷକୁ ଭାଙ୍ଗିଯିବ । ଅନିସନ୍ଧିତ୍ସୁ ଓ ଯୁବ ପର୍ଯ୍ୟଟକଙ୍କୁ ଆଖିରେ ଏହି ହୋଟେଲ ତିଆରି ହୋଇଛି । ଡଚ୍ ମେକାନିକ ଇରୱିନ କହିଛନ୍ତି, ସେ କିଛି ବିଶେଷ କରିବାକୁ ଚାହୁଁଥିଲେ । ବାଲୁକା ଦୁର୍ଗରେ ଶୋଇବାକୁ ତାଙ୍କର ପିଲା ଦିନର ସ୍ୱପ୍ନ ଥିଲା ଯାହା ଏବେ ପୂରଣ ହୋଇପାରିଛି । ଏହି ହୋଟେଲରେ ବଡ଼ବଡ଼ କକ୍ଷ ସହ ଖୁବ ସୁନ୍ଦର ବାଥରୁମ ରହିଛି । ହୋଟେଲରେ ଗୋଟିଏ ରାତି କାଟିବାକୁ ୧୬୭ ଡଲାର ଖର୍ଚ୍ଚ କରିବାକୁ ପଡ଼ିଥାଏ । ଓସ ବ୍ୟତୀତ ଡଚର ଆଉ ଏକ ସହର ସ୍କିକରେ ମଧ୍ୟ ବାଲୁକା ହୋଟେଲ ତିଆରି ହୋଇଛି । ବାଲୁକା ହୋଟେଲ ହୋଇଥିଲେ ବି ଆପଣଙ୍କ ଚପଲ କିମ୍ବା ବିଛଣାରେ ଟିକିଏ ବାଲି ଲାଗିବାର ସମ୍ଭାବନା ନଥାଏ । ଏହା କୌଣସି ବିଳାସପୂର୍ଣ୍ଣ ହୋଟେଲ ଠାରୁ କୌଣସି ଗୁଣରେ କମ୍ ନୁହେଁ ବୋଲି କହିଛନ୍ତି ମ୍ୟାନେଜର ମଡ଼ ଭାନ ଲୁଏ୍ୱେନ । କକ୍ଷଗୁଡ଼ିକ ପ୍ରଥମେ କାଠ ଓ ତା'ପରେ ବାଲିରେ ତିଆରି ହୋଇଛି । ଚଟାଣରେ ପାଉଁଶିଆ ମ୍ୟାଟ ପକାଯାଇ ଏହାକୁ ପ୍ରାକୃତିକ ରୂପ ଦିଆଯାଇଛି ।

ଛିଙ୍କ ଶୁଭଙ୍କର

ବିଜ୍ଞାନର ଅଗ୍ରଗତି ସତ୍ତ୍ୱେ ଏବେ ବି ଅନେକେ ଅନ୍ଧବିଶ୍ୱାସକୁ ଧରି ରଖିଛନ୍ତି । କୌଣସି କାମ ଆରମ୍ଭ କରିବା ପୂର୍ବରୁ ଶୁଭ ଏବଂ ଅଶୁଭ ସୂଚନାକୁ ଜଗି ଚଳୁଛନ୍ତି । ଏହି କ୍ରମରେ ଛିଙ୍କିବା ଏକ ଅଶୁଭ ଲକ୍ଷଣ ବୋଲି ସେମାନଙ୍କ ମନରେ ବସା ବାନ୍ଧି ରହିଛି । ତେବେ ଜ୍ୟୋତିଷ ଶାସ୍ତ୍ରରେ ଛିଙ୍କିବା ସବୁବେଳେ ଅଶୁଭ ବୋଲି କୁହାଯାଇନାହିଁ । କୌଣସି ଜରୁରୀ କାମରେ ବାହାରକୁ ଯୁଥିବାବେଳେ କେହି ପଛରୁ ଛିଙ୍କିଦେଲେ କାମରେ ସହଜରେ ସଫଳତା ମିଳିବ ବୋଲି ଜାରିବେ । ନୂଆ ପୋଷାକ ପିନ୍ଧୁଥିବା ବେଳେ କେହି ଛିଙ୍କିଲେ ଏହା ଦ୍ୱିଗୁଣ ଖୁସି ମିଳିବାର ସଙ୍କେତ ଦେଇଥାଏ । ଅର୍ଥାତ୍ ଖୁବ ଶୀଘ୍ର ଆଉ ଏକ ନୂଆ ପୋଷାକ ମିଳିପାରେ । ଶୁଭ କାମ କରିବା ସମୟରେ ଛିଙ୍କ ଆସିଲେ କାମ ସମ୍ପୂର୍ଣ୍ଣ ହେବାରେ ବାଧା ସୃଷ୍ଟିର ଆଶଙ୍କା ଆସେ । ଯଦି ଗୋଟିଏ ଛିଙ୍କ ପରେ ଆଉ ଗୋଟିଏ ଛ

୧୦୦ ବଦଳରେ ୧୧୨ ଡାଏଲ କରିବାକୁ ଓଡିଶା ପୋଲିସ୍‌ର ଅପିଲ୍

ଭୁବନେଶ୍ୱର,୧୭/୮ (ନି.ପ୍ର): ଏଣିକି ପୋଲିସ ଓ ଜରୁରୀକାଳୀନ ସହାୟତା ପାଇଁ ୧୦୦ ପରିବର୍ତ୍ତେ ୧୧୨ ଡାଏଲ କରିବାକୁ ହେବ। ଡାଏଲ ୧୧୨ ସହ ଡାଏଲ ୧୦୦ର ମିଶ୍ରଣ ପରେଏହି ଅପିଲ କରିଛି ପୋଲିସ ବିଭାଗ । ଏନେଇ ଓଡିଶା ପୋଲିସ୍ ପକ୍ଷରୁ ଟୁଇଟ୍ ଯୋଗେ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ ଯେ ଗତ ମାର୍ଚ୍ଚ ୧୯ରେ ଡାଏଲ ୧୧୨ର ଶୁଭାରମ୍ଭ କରିଥିଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ।

ଜରୁରୀକାଳୀନ ସହାୟତା ପାଇଁ ଭିନ୍ନ ଭିନ୍ନ ନମ୍ବର ଡାଏଲ କରିବା ପରିବର୍ତ୍ତେ ଏହି ଗୋଟିଏ ନମ୍ବର ଡାଏଲ କଲେ ୩ ପ୍ରକାର ସୁବିଧା ମିଳିବ । ପୋଲିସ, ଦମକଳ ଓ ଆମ୍ବୁଲାନ୍ସ ସେବା ପାଇଁ ବାସ୍ ଜନସାଧାରଣଙ୍କୁ ୧୧୨ ନମ୍ବର ଡାଏଲ କରିବାକୁ ପଡିବ । ପୂର୍ବରୁ ପୋଲିସ ସେବା ପାଇଁ ୧୦୦, ଆମ୍ବୁଲାନ୍ସ ପାଇଁ ୧୦୮, ଜନନୀ ଏକ୍ସପ୍ରେସ ପାଇଁ ୧୦୨, ଅଗ୍ନିଶମ ପାଇଁ ୧୦୧ ନମ୍ବର ଡାଏଲ କରିବାକୁ ପଡୁଥିଲା ।

ଓଏସଏସସି ମହାଦୁର୍ନୀତି ବିରୋଧରେ ଛାତ୍ରକଂଗ୍ରେସର ବିଶାଳ ବିକ୍ଷୋଭ

ଭୁବନେଶ୍ୱର,୧୭/୮ (ନି.ପ୍ର): ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜଙ୍କ ନେତୃତ୍ୱରେ ଓଡ଼ିଶା ଷ୍ଟାଫ୍ ସିଲେକସନ୍ କମିସନ ମହାଦୁର୍ନୀତି ପ୍ରସଙ୍ଗରେ ସୋମବାର ବାଲିପାଟଣା ବ୍ଲକରେ ର୍ୟାଲି ଏବଂ ବ୍ଲକ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ପ୍ରଦେଶ ଛାତ୍ର କଂଗ୍ରେସ ସଂପାଦକ ସଂଦୀପ ରାଉତରାୟଙ୍କ ଦ୍ୱାରା ଆୟୋଜିତ ୫୦୦ରୁ ଉର୍ଦ୍ଧ୍ୱ ମଟୋରସାଇକେଲ୍ ଆରୋହୀ ଛାତ୍ର କଂଗ୍ରେସ କର୍ମୀଙ୍କ ର୍ୟାଲି ବିଶ୍ୱନାଥପୁର ପେଟ୍ରୋଲ ଟାଙ୍କି ରୁ ବାହାରି ବାଲିପାଟଣା ଛକ ଦେଇ ବାଲିପାଟଣା ବ୍ଲକରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ବାଲିପାଟଣା ବ୍ଲକ ସମ୍ମୁଖରେ ମୁଖ୍ୟମନ୍ତ୍ରୀ ଙ୍କ କୁଶପୁତଳିକା ଦାହ କରିଥିଲେ । ଏହି କାର୍ଯ୍ୟକ୍ରମରେ ଶ୍ରୀ ନୱାଜ କହିଥିଲେ ଯେ ଷ୍ଟାଫସିଲେକସନ ଦୁର୍ନୀତିକୁ ଘୋଇବାପାଇଁ ମୁଖ୍ୟମନ୍ତ୍ରୀ ଅପଚେଷ୍ଟା କରୁଛନ୍ତି । ଭିଜିଲାନ୍ସ ତଦନ୍ତ କିରାଣୀ ବିଂରଚି ସାହୁ ପାଖରେ ସୀମିତ । ବଡପଣ୍ଡାମାନେ ମୁଖ୍ୟମନ୍ତ୍ରୀଙ୍କ ଛତ୍ରଛାୟା ତଳେ ନିରାପଦ । ଛାତ୍ର କଂଗ୍ରେସ ଏହି ପ୍ରସଙ୍ଗରେ ପ୍ରତି ନିର୍ବାଚନ ମଣ୍ଡଳୀରେ ବିକ୍ଷୋଭ କରିବ । ନବୀନ ସରକାର ଚାକିରୀ ବିକ୍ରି ପ୍ରସଙ୍ଗରେ ଜନଜାଗରଣ ସୃଷ୍ଟି ହେବ । ଏହି କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ ଛାତ୍ର କଂଗ୍ରେସର ସଂପାଦକ ତଥା ଓଡ଼ିଶା ପ୍ରଭାରୀ ସୁଶ୍ରୀ ଅନୁଲେଖା ବୋଷା ଯୋଗଦେଇ କହିଥିଲେ ଯେ ନବୀନ ସରକାର ଓଡ଼ିଶାର ଛାତ୍ର ସମାଜକୁ ପ୍ରତାରିତ କରିଛି । ସେମାନଙ୍କ ଜୀବନର ସ୍ୱପ୍ନ ଓ ସଂକଳ୍ପକୁ ଅପହରଣ କରିଛି । ଏକ ଦୁର୍ବାର ଛାତ୍ର ଆନ୍ଦୋଳନ ପାଇଁ ଛାତ୍ର କଂଗ୍ରେସ ପ୍ରସ୍ତୁତ ହେଉଛି । ଏହି କାର୍ଯ୍ୟକ୍ରମରେ ଅଖିଳେଷ୍ ୟାଦବ୍, କାର୍ତିକ କାଣ୍ଡି, ରଂଜିତ୍ ସେନାପତି ଅଂଶଗ୍ରହଣ କରିଥିଲେ । ବାଲିପାଟଣା ବ୍ଲକ କଂଗ୍ରେସ ସଭାପତି ବଟକୃଷ୍ଣ ରାଉତରାୟ , ବାଲିଅନ୍ତା ବ୍ଲକ କଂଗ୍ରେସ ସଭାପତି ଜନ୍ମଜୟ ସ୍ୱାଇଁ , ବରିଷ୍ଠ କଂଗ୍ରେସ ନେତା ଜୟନ୍ତ ଭୋଇ ପ୍ରମୁଖ ବିକ୍ଷୋଭ ସଭାରେ ସକ୍ରିୟ ଅଂଶଗ୍ରହଣ କରିଥିଲେ ।

ସେପ୍ଟେମ୍ବର ୧ରୁ ବିଧାନସଭା ମୌସୁମୀ ଅଧିବେଶନ

ଭୁବନେଶ୍ୱର, ୧୬ ଅଗଷ୍ଟ - ଆସନ୍ତା ସେପ୍ଟେମ୍ବର ୧ ତାରିଖରୁ ଆରମ୍ଭ ହେବ ବିଧାନସଭା ମୌସୁମୀ ଅଧିବେଶନ । ଷୋଡଶ ବିଧାନସଭାର ସପ୍ତମ ଅଧିବେଶନ ନେଇ ସୋମବାର ଦିନ ସଂସଦୀୟ ବ୍ୟାପାର ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ଏହି ଅଧିବେଶନ ସ୍ୱଳ୍ପକାଳୀନ ରହିବ । ଏହି ଅଧିବେଶନ ସେପ୍ଟେମ୍ବର ୧ ତାରିଖରୁ ଆରମ୍ଭ ହୋଇ ୯ ତାରିଖ ପର୍ଯ୍ୟନ୍ତ ଚାଲିବ । ଏଥିରେ ମୋଟ ୮ଟି କାର୍ଯ୍ୟ ଦିବସ ରହିଛି । ସେଥିମଧ୍ୟରେ ୭ଟି ସରକାରୀ ଓ ଗୋଟିଏ ବେସରକାରୀ କାର୍ଯ୍ୟଦିବସ ଅନ୍ତର୍ଭୁକ୍ତ । ସେପ୍ଟେମ୍ବର ୩ତାରିଖକୁ ପ୍ରାଇଭେଟ୍ ମେମ୍ବର୍ସ ବିଜିନେସ୍ ପାଇଁ ରଖାଯାଇଥିବାବେଳେ ଅନ୍ୟ ସମସ୍ତ ଦିନଗୁଡ଼ିକ ଅଫିସିଆଲ କାର୍ଯ୍ୟଦିବସ ରହିଛି । ୫ତାରିଖ ରବିବାର ଛୁଟି ରହିବ । ବିଧାନସଭା ସଚିବ ଦାଶରଥୀ ଶତପଥୀଙ୍କ ଦ୍ୱାରା ଜାରି ସମନ ଅନୁସାରେ, ସେପ୍ଟେମ୍ବର ୧ତାରିଖ ପୂର୍ବାହ୍ନ ୧୧ଟାରେ ବିଧାନସଭା ଅଧିବେଶନ ଆରମ୍ଭ ପାଇଁ ରାଜ୍ୟପାଳ ସମନ ଜାରି କରିଛନ୍ତି ।

ବାଜପେୟୀଙ୍କ ପୂଣ୍ୟତିଥିରେ ଶ୍ରଦ୍ଧାଞ୍ଜଳି ଜଣାଇଲା ବିଜେପି

ଭୁବନେଶ୍ୱର,୧୭/୮ (ନି.ପ୍ର): ମହାନ୍ ରାଷ୍ଟ୍ରପୁରୁଷ, ଦୂରଦ୍ରଷ୍ଟା, ଭାରତରତ୍ନ ତଥା ଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଦ୍ୱିତୀୟ ପୂଣ୍ୟତିଥିରେ ରାଜ୍ୟ ବିଜେପି ନେତୃବୃନ୍ଦ ଓ କାର୍ଯ୍ୟକର୍ତାଙ୍କ ସମେତ ସାରା ଓଡିଶାବାସୀ ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି । ରାଜ୍ୟ ମୁଖପାତ୍ର ସୁଦୀପ୍ତ ରାୟଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମରେ ରାଜ୍ୟସଭାପତି ସମୀର ମହାନ୍ତିଙ୍କ ସମେତ ରାଜ୍ୟ ନେତୃବୃନ୍ଦ ସ୍ୱର୍ଗତଃ ଅଟଳଜୀଙ୍କ ଫଟୋରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଏହି ଅବସରରେ ରାଜ୍ୟସଭା ସାଂସଦ ଅଶ୍ୱିନୀ ବୈଷ୍ଣବ ଅଟଳଜୀ ଫଟୋଚିତ୍ରରେ ପୁଷ୍ପ ପ୍ରଦାନ କରି ଶ୍ରଦ୍ଧାଞ୍ଜଳୀ ଦେବା ସହ ତାଙ୍କର ସ୍ମୃତିଚାରଣ କରିଥିଲେ ।

ଓଡିଶାର ବିକାଶ କ୍ଷେତ୍ରରେ ସ୍ୱର୍ଗତଃ ବାଜପେୟୀଙ୍କ ଅବଦାନ ଅତୁଳନୀୟ । ୧୯୯୯ ମହାବାତ୍ୟା ପରେ ଓଡ଼ିଶାବାସୀଙ୍କ ଦୁର୍ଦ୍ଦୀନରେ ବାଜପେୟୀଙ୍କ ସାହାଯ୍ୟ ଓ ସମର୍ଥନ ଅବିସ୍ମରଣୀୟ । ସ୍ୱର୍ଗତଃ ବାଜପେୟୀ ରାଷ୍ଟ୍ରୀୟ ରାଜମାର୍ଗ ବିକାଶ (ସ୍ୱର୍ଣ୍ଣ ଚତୁର୍ଭୁଜ) ଯୋଜନାରେ ଦେଶରେ ସବୁଠୁ ଅଧିକ ପ୍ରାଧାନ୍ୟ ଓଡ଼ିଶାକୁ ଦେଇଥିଲେ । ଓଡିଶାକୁ ଅଧିକ ଗୁରୁତ୍ୱ ଦେଇ ୧୬ଶହ କିମି ବିଶିଷ୍ଟ ରାଜମାର୍ଗକୁ ଦୁଇ ଦୁଣ କରି ୩୨ ଶହ କିମିରେ ପହଂଚାଇଥିଲେ । ଗ୍ରାମ ସଡକ ଯୋଜନା, ଗାଁ ଗାଁରେ ମୋବାଇଲ ସଂଯୋଗ କରାଇବା, ଅନ୍ତୋଦୟ ଏବଂ ଅନ୍ନପୂର୍ଣ୍ଣା ଯୋଜନାରେ ଗରୀବଙ୍କ ପାଖରେ ଅନ୍ନ ପହଂଚାଇବାରେ ସ୍ୱର୍ଗତଃ ବାଜପେୟୀଙ୍କ ଯୋଗଦାନ ଅତୁଳନୀୟ । ଓଡିଶା ବାସୀଙ୍କ ପ୍ରତି ଅଟଳଜୀଙ୍କ ସେହ୍ନ ଓ ଶ୍ରଦ୍ଧା ସର୍ବଦା ଚିରସ୍ମରଣୀୟ ହୋଇ ରହିବ ବୋଲି ରାଜ୍ୟ ସଭାପତି ଶ୍ରୀ ସମୀର ମହାନ୍ତି କହିଛନ୍ତି । ସ୍ୱର୍ଗତଃ ଅଟଳଜୀଙ୍କ ପୂଣ୍ୟତିଥିରେ ସାରା ରାଜ୍ୟରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି । ଏହି ପରିପ୍ରେକ୍ଷୀରେ ରାଜ୍ୟ କାର୍ଯ୍ୟାଳୟ ସମ୍ମୁଖରେ ଥିବା ଦୀନ ଦୟାଳ ପାର୍କରେ ରାଜ୍ୟ ସଭାପତି ଶ୍ରୀ ମହାନ୍ତି ବୃକ୍ଷ ରୋପଣ କରି ଅଟଳଜୀଙ୍କୁ ମନେ ପକାଇଛନ୍ତି । ଶ୍ରଦ୍ଧାଞ୍ଜଳି ସଭାପରେ ଅଟଳଜୀଙ୍କ ଉଦ୍ଦେଶ୍ୟରେ ଏକ କବିତା ପାଠୋତ୍ସବ କାର୍ଯ୍ୟକ୍ରମକୁ ମହିଳା ମୋର୍ଚ୍ଚା ଉପସଭାନେତ୍ରୀ ଶ୍ରୀମତୀ କାନନବାଳା ପଟ୍ଟନାୟକଙ୍କ ସଂଚାଳନ କରିଥିଲେ । ଏହି ଅବସରରେ ବିଧାୟିକା କୁସୁମ ଟେଟେ, ପୂର୍ବତନ ସାଂସଦ ବଳଭଦ୍ର ମାଝୀ, ପୂର୍ବତନ ମନ୍ତ୍ରୀ ସୁରମା ପାଢୀ, ରାଜ୍ୟ ଉପସଭାପତି ଭୃଗୁ ବକ୍ସିପାତ୍ର ଓ ପ୍ରଭାତି ପରିଡା, ରାଜ୍ୟ ସାଧାରଣ ସଂପାଦକ (ସଙ୍ଗଠନ) ମାନସ ମହାନ୍ତି, ରାଜ୍ୟ ସାଧାରଣ ସଂପାଦକ ଗୋଲକ ମହାପାତ୍ର, ରାଜ୍ୟ ମୁଖପାତ୍ର ଡ. ଯତିନ ମହାନ୍ତି, ବିରଂଚି ନାରାୟଣ ତ୍ରିପାଠୀ, ଠାକୁର ରଂଜିତ ଦାସ, ଉମାକାନ୍ତ ପଟ୍ଟନାୟକ, ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଇରାସିସ ଆଚାର୍ଯ୍ୟ, ବରିଷ୍ଠ ନେତା ମହେଶ ମହାନ୍ତି, ଶାରଦା ଶତପଥୀ, କୃଷକ ମୋର୍ଚ୍ଚା ସାଧାରଣ ସଂପାଦକ ସୁରଥ ବିଶ୍ୱାଳ, ଭୁବନେଶ୍ୱର ଜିଲ୍ଲା ସଭାପତି ବାବୁ ସିଂ, ଜଗନ୍ନାଥ ପ୍ରଧାନଙ୍କ ସମେତ ରାଜ୍ୟ ପଦାଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

ସପ୍ତାହରେ ବଦଳିନି ଆଇସିୟୁ ସ୍ଥିତି : ଏବେ ବି ଆଇସିୟୁରେ ଅଛନ୍ତି ୬% ରୋଗୀ

ଭୁବନେଶ୍ୱର,୧୭/୮ (ନି.ପ୍ର): ରାଜ୍ୟରେ କରୋନା ସଂକ୍ରମଣ ହଜାରେକୁ ଖସି ଆସିଲାଣି । କେବଳ ଭୁବନେଶ୍ୱର, କଟକକୁ ବାଦ୍ ଦେଲେ ଅନ୍ୟ ଜିଲ୍ଲାରେ ସଂକ୍ରମଣ ଶହେ ତଳେ କିମ୍ବା ଏକ ଅଙ୍କରେ ସୀମିତ ରହିଛି । ହେଲେ ରାଜ୍ୟରେ ଆଇସିୟୁରେ ଏବେ ବି ୬ ପ୍ରତିଶତ ରୋଗୀ ରହିଛନ୍ତି । ଗୋଟିଏ ସପ୍ତାହରେ ଏଥିରେ ବଡ଼ ପରିବର୍ତ୍ତନ ହୋଇନାହିଁ । ୬୬୭ କରୋନା ସଂକ୍ରମିତ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି । ଗତକାଲି ସୁଦ୍ଧା ରାଜ୍ୟରେ ସମୁଦାୟ ୧୦,୪୨୮ ଚିକିତ୍ସାଧୀନ ରୋଗୀ ଥିବା ବେଳେ ଏଥିରେ ୮୭୫୪ଜଣ ଗୃହ ପୃଥକବାସରେ ରହିଛନ୍ତି । ସେହିପରି ୪୭୩ଜଣ ସାଧାରଣ ଶଯ୍ୟାରେ ଥିବା ବେଳେ ୬୬୭ଜଣ ଆଇସିୟୁ/ଏଚଡିୟୁରେ ଅଛନ୍ତି । ତହିଁରୁ ୧୪୩ ଜଣଙ୍କୁ ଭେଣ୍ଟିଲେଟରରେ ରଖାଯାଇଛି । ୫୩୪ଜଣ ସିସିସି/ସିସିଏଚ୍‌ରେ ଥିବା ବେଳେ ଅସ୍ଥାୟୀ ମେଡିକାଲ କ୍ୟାମ୍ପ ବା ଟିଏମ୍‌ସିରେ ୨୧ଜଣ ଅଛନ୍ତି ।

କଂଗ୍ରେସ ସେବାଦଳ ପକ୍ଷରୁ ବରିଷ୍ଠ କର୍ମୀ ରାମକୃଷ୍ଣ ପରିଡ଼ାଙ୍କୁ ସମ୍ବର୍ଦ୍ଧନା

ଭୁବନେଶ୍ୱର,୧୭/୮ (ନି.ପ୍ର): ଭାରତବର୍ଷର ସ୍ୱାଧୀନତାର ୭୫ତମ ଅମୃତମହୋତ୍ସବ ପାଳନ ଅବସରରେ ଗତକାଲି ପ୍ରଦେଶ କଂଗ୍ରେସ କାର୍ଯ୍ୟଳୟ କଂଗ୍ରେସ ଭବନ ଠାରେ ପ୍ରଦେଶ କଂଗ୍ରେସ ସେବାଦଳ ପକ୍ଷରୁ ଆୟୋଜିତ ସ୍ୱାଧୀନତାର ଅମୃତ ମହୋତ୍ସବ କାର୍ଯ୍ୟକ୍ରମ ସେବାଦଳ ଅଧ୍ୟକ୍ଷ ଡକ୍ଟର ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ରଙ୍କ ପୌରହିତ୍ୟରେ ପାଳିତ ହୋଇଯାଇଛି । ସଭାର ପ୍ରାରମ୍ଭରେ ଭାରତବର୍ଷର ସ୍ୱାଧୀନତା ସଂଗ୍ରାମରେ ବଳିଦାନ ଦେଇଥିବା ସଂଗ୍ରାମୀ ଓ ସେବାଦଳର ପୂର୍ବତନ କାର୍ଯ୍ୟକର୍ତା ଶ୍ରୀମତୀ ନିର୍ମଳା ମିଶ୍ରଙ୍କ ବିୟୋଗରେ ଏକ ମିନିଟ ନିରବ ପ୍ରାର୍ଥନା କରାଯିବାପରେ କାର୍ଯ୍ୟକ୍ରମକୁ ଆନୁଷ୍ଠନିକ ଭାବେ ଉଦ୍‌ଘାଟନ କରି ଅଖିଳ ଭାରତ କଂଗ୍ରେସ କମିଟିର ସଂପାଦକ ରୁଦ୍ର ରାଜୁ ନୂତନଭାବେ ନିଯୁକ୍ତ ସେବାଦଳର ମୁଖ୍ୟ ଡକ୍ଟର ଜ୍ଞାନେନ୍ଦ୍ରଙ୍କୁ, ଉତରୀୟ ଦେଇ ସମ୍ବର୍ଦ୍ଧନା ଜଣାଇବା ସହ, ସେବାଦଳ ସଂଗଠନକୁ ରାଜ୍ୟର ପ୍ରତ୍ୟେକ ଗ୍ରାମପଂଚାୟତ ସ୍ତରରେ ପଂହଚାଇବା ସହ, ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ଓ ଭାରତ ବର୍ଷର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବହାରଲ ନେହେରୁଙ୍କ ବାର୍ତା ଓ କାର୍ଯ୍ୟକ୍ରମକୁ ଓଡ଼ିଶାବାସୀଙ୍କ ନିକଟରେ ପଂହଚାଇବାକୁ ଆହ୍ୱାନ ଦେଇଥିଲେ । ଏହି ଅବସରରେ ବରିଷ୍ଠ କଂଗ୍ରେସ କର୍ମୀ ଭୁବନେଶ୍ୱର ସୁନ୍ଦରପଦାର ରାମକୃଷ୍ଣ ପରିଡ଼ାଙ୍କୁ ରାଜ୍ୟ ସେବାଦଳ ପକ୍ଷରୁ ଡକ୍ଟର ଜ୍ଞାନେନ୍ଦ୍ର ସମ୍ବର୍ଦ୍ଧିତ କରିଥିଲେ । ଏହି କାର୍ଯ୍ୟକ୍ରମରେ ପ୍ରଦେଶ କଂଗ୍ରେସ କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝୀ, ପୂର୍ବତନ ମନ୍ତ୍ରୀ ପଂଚାନନ କାନୁନଗୋ, ପୂର୍ବତନ ବିଧାୟକ ଯଜ୍ଞେଶ୍ୱର ବାବୁ, ନିରଦବରଣ ଝୁଟିଆ ସେବାଦଳ କର୍ମୀମାନଙ୍କୁ ଭବିଷ୍ୟତ କାର୍ଯ୍ୟକ୍ରମ ବିଷୟରେ ଅବଗତ କରାଇଥିଲେ ।

୨୧ରୁ ଚାଲିବ ପୁରୀ-ଦୁର୍ଗ-ପୁରୀ ଟ୍ରେନ୍

ଭୁବନେଶ୍ୱର ,୧୭/୮ (ନି.ପ୍ର): ପୁରୀ-ଦୁର୍ଗ-ପୁରୀ ସ୍ୱତନ୍ତ୍ର ଟ୍ରେନ୍(୦୮୪୨୫/୦୮୪୨୬) ପୁଣିଥରେ ଚଳାଚଳ କରିବ । ଆସନ୍ତା ୨୧ ତାରିଖରୁ ଏହା ପୁରୀରୁ ଓ ୨୨ ତାରିଖଠାରୁ ଦୁର୍ଗରୁ ଛାଡ଼ିବ । ଟ୍ରେନ୍ ସମୟ ଓ ରହଣି ଷ୍ଟେସନରେ କୌଣସି ପରିବର୍ତ୍ତନ କରାଯାଇ ନାହିଁ । ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ଏହି ଟ୍ରେନ୍ ନିୟମିତ ଚଳାଚଳ କରିବ ବୋଲି ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ଦିଆଯାଇଛି ।

ମନରେଗାରେ ଦୁର୍ନୀତି ଅଭିଯୋଗ ଆଣିଲା କଂଗ୍ରେସ

ଭୁବନେଶ୍ୱର,୧୭/୮ (ନି.ପ୍ର): ଭାରତର ଅର୍ଥନୀତିକୁ ସୁଧାରିବା ପାଇଁ ତଥା ଭାରତର ଶ୍ରମଜୀବିଙ୍କୁ ନିଶ୍ଚିତ କର୍ମସଂସ୍ଥାନ ଯୋଗାଇବା ଉଦ୍ଦେଶ୍ୟରେ ତତ୍‌କାଳୀନ ଉପାସରକାର ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା କାର୍ଯ୍ୟକାରି କରିଥିଲେ । କିନ୍ତୁ ବାଙ୍କି ଉପଖଣ୍ଡ ସହ ସମଗ୍ର ରାଜ୍ୟରେ ଏହି ଯୋଜନାକୁ କିପରି ଶ୍ରମିକଙ୍କ ନାମରେ ହରିଲୁଟ କରାଯାଉଛି ବୋଲି ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ କରିଛନ୍ତି ପୂର୍ବତନ ବିଧାୟକ ତଥା ପିସିସି ମୁଖପାତ୍ର ଡକ୍ଟର ଦେବାଶିଷ ପଟ୍ଟନାୟକ । ସେ କହିଛନ୍ତି ବାଙ୍କି ଡମପଡ଼ା ବ୍ଲକର କୁଶୁପଙ୍ଗି, ତାଳବସ୍ତ, ପାଥପୁର, ଦୁଲଣାପୁର ପ୍ରଭୃତି ପଂଚାୟତରେ ମନରେଗା ଯୋଜନାକୁ ବ୍ୟାପକ ହରିଲୁଟ କରାଯିବା ସହିତ ସରପଂଚ ଏବଂ ପଂଚାୟତର ଧନଶାଳୀ ବ୍ୟକ୍ତିମାନେ ଲକ୍ଷଲକ୍ଷ ଟଙ୍କା ହଡ଼ପ କରିଥିବା ଦେଖିବାକୁ ମିଳିଛି । ପଂଚାୟତ ବିଭାଗର ଦୁର୍ନୀତି ବର୍ତମାନ ନୀତିରେ ପରିଣତ ହୋଇଛି । ଏହା ପଂଚାୟତ ମନ୍ତ୍ରୀ ଓ ସଚିବଙ୍କ ଇଜଲାସରେ ଦୁର୍ନୀତି ଚାଲିଛି ବୋଲି ସେ ଅଭିଯୋଗ କରିଛନ୍ତି । ଡ. ପଟ୍ଟନାୟକ ଦସ୍ତାବିଜ ଆକାରରେ ସାମ୍ବାଦିକ ସମ୍ମିଳନୀରେ ସମସ୍ତ ତଥ୍ୟ ଉପସ୍ଥାପନ କରିଥିଲେ । କେନ୍ଦ୍ର ସରକାରଙ୍କର ମନରେଗା ଯୋଜନାରୁ ତାଳବସ୍ତ ପଂଚାୟତର ସାମନ୍ତରାପୁର ଗ୍ରାମରେ ଶ୍ମଶାନକୁ ପାର୍କ ଦର୍ଶାଇ ୬ଲକ୍ଷ ୩୩ ହଜାର ଟଙ୍କାର ବିଲ ପୈଠ କରାଯାଇଛି ସେହିପରି ଇନ୍ଦିରା ପ୍ରିୟଦର୍ଶନୀ ହାଇସ୍କୁଲ ଖେଳପଡ଼ିଆରେ କିଛି କାମନକରି ମାତ୍ର ୩ ଗୋଟି ବେଂଚ ନିର୍ମାଣ କରି ୫ଲକ୍ଷ ଟଙ୍କର ବିଲ ପୈଠ କରାଯାଇଛି । ସାମନ୍ତରାପୁର ପୋଖରୀ ନାମରେ କୌଣସି ପୋଖରୀ ନଥିବା ବେଳେ ଖନନ ଦର୍ଶାଇ ୫ଲକ୍ଷ ଟଙ୍କାର ବିଲ ପୈଠ ଓ ପଂଚାୟତର ନନ୍ଦପୁର, ତାଳବସ୍ତରେ ମେସିନ ଦ୍ୱାରା ଅଳ୍ପ କିଛି ଖୋଳି ମନରେଗା ଯୋଜନାରେ ଲକ୍ଷାଧିକ ଟଙ୍କାର ବିଲ କରାଯାଇଛି ।କୁସୁପଙ୍ଗି ପଂଚାୟତରେ ଅରାଚଣ୍ଡି ହାଇସ୍କୁଲ, ନିଷ୍ଠିପୁର ସ୍କୁଲ, ୟୁନାଇଟେଡ୍ ବିଦ୍ୟାପୀଠ ନାମରେ ପଢ଼ିଆ ଉନ୍ନତିକରଣ ପାଇଁ ପ୍ରଥମେ ରୁର୍ବାନରୁ ବିଲ ହୋଇଥିବା ବେଳେ ପୁଣି ସେହି ପ୍ରକଳ୍ପକୁ ଦର୍ଶାଇ ମନରେଗା ଯୋଜନାରେ ବିଲ କରାଯାଇଛି । କୁସୁପଙ୍ଗି ପଂଚାୟତର ପ୍ରାୟ ୪୦ଗୋଟି ପ୍ରକଳ୍ପ ଏବେ ୨ଟି ଯୋଜନାକୁ ଗୋଟିଏ ପ୍ରକଳ୍ପ ଦେଖାଯାଇ ଦୁଇ ଦୁଇ ଥର ବିଲ ହୋଇଛି । ଏହି ମହା ଘୋଟଲାରେ ଜିଆରଏସଙ୍କ ଠାରୁ ବିଡିଓଙ୍କ ପର୍ଯ୍ୟନ୍ତ ସମସ୍ତଙ୍କର ସଂପୃକ୍ତି ରହିଛି ନହେଲେ ଏତେବଡ଼ ମହାଦୁର୍ନୀତି ଅସମ୍ଭବ । ଏଥି ସହିତ ସରପଂଚଙ୍କ ସଂପୂର୍ଣ୍ଣ ପରିବାର ଆର୍ଥିକ ସମୃଦ୍ଧ ସହିତ କୋଟି କୋଟି ଟଙ୍କାର ମାଲିକ ହୋଇଥିବା ବେଳେ ମନରେଗା ଯୋଜନାରେ ଶ୍ରମିକ ସାଜି ଅର୍ଥ ହଡ଼ପ କରିଛନ୍ତି । ଏଭଳି କୋଟି କୋଟି ଲୋକମାଙ୍କୁ କିଭଳି ବ୍ଲକ ପ୍ରଶାସନ ଶ୍ରମିକ ସଜାଇ ମନରେଗା ଯୋଜନା ଅର୍ଥ ହଡ଼ପକରିବାକୁ ଦେଲା ତାହା ନିଶ୍ଚିତ ଭାବେ ତଦନ୍ତ ସାପେକ୍ଷ । ଶ୍ରମିକ ନିଜକୁ ଭେଣ୍ଡର କରି କୋଟି କୋଟି ଟଙ୍କା ଉର୍ପାଜନ କରିଥିବା ବ୍ୟକ୍ତିଙ୍କର ବ୍ୟାଙ୍କ ଆକାଉଂଟ ତଦନ୍ତ କରିବା ସହିତ ସରକାରୀ ଅର୍ଥ ଫେରାଇ ଆଣି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଡ. ପଟ୍ଟନାୟକ ଦାବି କରିଛନ୍ତି । ଏହି ମହାଘୋଟଲାର ମାଷ୍ଟର ମାଇଣ୍ଡ ସରପଂଚଙ୍କ ବାପା ସେହି ଗ୍ରାମର କଂଟ୍ରୋଲ ଡିଲର । ପଂଚାୟତ ରାଜ ବ୍ୟବସ୍ଥାରେ ଏମାନେ ଡିଲରୁ ବାଦ ପଡ଼ିବା କଥା କିନ୍ତୁ ତାହା ଆଜି ପର୍ଯ୍ୟନ୍ତ ହୋଇନାହିଁ କି ବିଡିଏ ସେମାନଙ୍କର ଡିଲରସିପ ଉଚ୍ଛେଦ କରୁନାହାନ୍ତି । ମିଡିଆ ବିଭାଗର ଆବହାକ ଶ୍ରୀ ସତ୍ୟ ନାୟକ କହିଛନ୍ତି ଜଳଯୋଗାଣ ସହାୟକ ୧୧ ମାସ ଧରି ଦରମା ପାଇନାହାନ୍ତି । ଏହା ଭାତ ହାଣ୍ଡିରୁ ଗୋଟିଏ ମାତ୍ର ଭାତର ଉଦାହରଣ । ଏହିପରି ସମଗ୍ର ରାଜ୍ୟରେ ବହୁ ଦୁର୍ନୀତି ହେଉଛି ଏହାର ତଦନ୍ତ କରାଗଲେ ପ୍ରକୃତ ସତ୍ୟ ଲୋକଲୋଚନକୁ ଆସିପାରିବ । ତେଣୁ ମନରେଗା ଘୋଟଲାରେ ସଂପୃକ୍ତି ଜିଆରଏସ, କନିଷ୍ଠ ଯନ୍ତ୍ରୀ ଓ ସହକାରୀ ଯନ୍ତ୍ରୀ, ସରପଂଚ ଓ ନିର୍ବାହୀ ଅଧିକାରୀଙ୍କୁ ନିଲମ୍ବନ କରିବା ସହିତ ସରକାରୀ ଅର୍ଥ ହଡ଼ପ ଅଭିଯୋଗରେ ସଂପୃକ୍ତ ଥିବା ନିର୍ବାଚିତ ପ୍ରତିନିଧି ମାନଙ୍କୁ ଗିରଫ କରିବାପାଇଁ ଦାବି କରୁଛି କଂଗ୍ରେସ । ଦୁଇ ପଂଚାୟତର କନିଷ୍

ଆନନ୍ଦ ବିହାର ଗ୍ରାଉଣ୍ଡରେ ୭୫ ତମ ସ୍ୱାଧୀନତା ଦିବସ ପାଳିତ

ସମ୍ବଲପୁର,୧୭/୦୮ (ନି.ପ୍ର): ମହାନଦୀ କୋଲଫିଲ୍ଡ ଲିମିଟେଡ ମୁଖ୍ୟାଳୟ ସ୍ଥିତ ଆନନ୍ଦ ବିହାର ଗ୍ରାଉଣ୍ଡରେ ମହାମାରୀ କୋଭିଡ୍ ନିୟମକୁ ପାଳନ କରି ୭୫ ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି । ଉତ୍ସବର ପ୍ରାରମ୍ଭରେ ଏମ୍.ସି.ଏଲ୍ ର ନିର୍ଦ୍ଦେଶକ ବ୍ୟେଷୟିକ (ସଞ୍ଚାଳନ) ଶ୍ରୀଯୁକ୍ତ ଓପି ସିଂ ମୁଖ୍ୟଅତିଥି ରୂପେ ଯୋଗଦେଇ ସୁରକ୍ଷା କର୍ମୀଙ୍କ ସଲାମି ଗ୍ରହଣପରେ ଜାତୀୟ ପତକା ଉତ୍ତୋଳନ କରିଥିଲେ । ପରେ ପରେ ମୁଖ୍ୟଅତିଥି ଶ୍ରୀଯୁକ୍ତ ସିଂ ଏମ୍.ସି.ଏଲ୍ ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଶ୍ରୀଯୁକ୍ତ ପ୍ରଭାତ କୁମାର ସିହ୍ନାଙ୍କ ୭୫ତମ ସ୍ୱାଧୀନତା ଦିବସର ବାର୍ତ୍ତାକୁ ପାଠ କରିଥିଲେ । ୭୫ତମ ସ୍ୱାଧୀନତା ଦିବସ ଅବସରରେ ସେ ସମସ୍ତଙ୍କୁ ଅଭିନନ୍ଦନ ଜଣାଇବା ସଙ୍ଗେ ସଙ୍ଗେ କୋଇଲା ଖଣିରେ ଦିନରାତି ଅକ୍ଳାନ୍ତ ପରିଶ୍ରମ କରି ନିରନ୍ତର କୋଇଲା ଉତ୍ପାଦନରେ ନିଜକୁ ନିୟୋଜିତ କରିବା ଫଳରେ ଯାହାକି ଦେଶର ବିଭିନ୍ନ ପାୱାର ପ୍ଲାଣ୍ଟ ଏବଂ କୋଇଲା ଗ୍ରାହକମାନଙ୍କୁ ନିରବଚ୍ଛିନ୍ନ ଭାବେ କୋଇଲା ଯୋଗାଇବା ସମ୍ଭବପର ହୋଇ ପାରିଛି । ଶ୍ରୀଯୁକ୍ତ ସିହ୍ନା ଟୋକିଓ ଅଲମ୍ପିକ୍ସରେ ଦୀର୍ଘ ୪୧ ବର୍ଷ ପରେ ହକିରେ ଭାରତ ପାଇଁ ପଦକ ଜିତି ଗୌରବ ଆଣିଥିବା ସମସ୍ତ ହକି ଖେଳାଳିମାନଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇବା ସହିତ ହକି ଖେଳାଳିଙ୍କ ମଧ୍ୟରୁ ୪ଜଣ କମାଣ୍ଡ ଏରିଆ ସୁରନ୍ଦଗଡ଼ ଜିଲ୍ଲାର ସେମାନେ ହେଲେ ସର୍ବଶ୍ରୀ ଅମିତ୍ ରୋହି ଦାସ, ବିରେନ୍ଦ୍ର ଲାକ୍ରା, ସୁଶ୍ରୀ ଦିପ୍ ଗ୍ରେସ୍ ଏକା ଓ ନମିତା ଟପ୍ପୋ, ଯେଉଁମାନେ କି ଦେଶ ପାଇଁ ଟୋକିଓ ଅଲମ୍ପିକ୍ସରେ ଗର୍ବ ଏବଂ ଗୌରବ । ଶ୍ରୀଯୁକ୍ତ ସିହ୍ନା କହିଲେ ଯେ, ଆମର ଯୁବ ଖେଳାଳିମାନେ ଟୋକିଓ ଅଲମ୍ପିକରେ ଧୈର୍ଯ୍ୟ ଓ ରାଷ୍ଟ୍ରପାଇଁ କିଛି କରିବାର ସଙ୍କଳ୍ପ ଯୋଗୁଁ ଆମକୁ ବହୁତ କିଛି ଶିଖିବାର ଅଛି । ଯାହାକି ଭବିଷ୍ୟତରେ ଭାରତର ଝଣ୍ଡା ଆହୁରି ଆଗକୁ ଯାଇ ପାରିବ । ଶେଷରେ ସେ ଏହି ସ୍ୱାଧୀନତା ଦିବସରେ ସମସ୍ତ କର୍ମଠ ବନ୍ଧୁ । ରାଜ୍ୟ ପ୍ରଶାସନ, ପ୍ରେସ୍, ମିଡ଼ିଆ, ଠିକାଦାରୀ କର୍ମଚାରୀ ଏବଂ ସ୍ଥାନୀୟ ଅଧିବାସୀ ଓ ଗ୍ରାମବାସୀମାନଙ୍କୁ ହାର୍ଦ୍ଦିକ ଶୁଭକାମନା ଜଣାଇଥିଲେ । ଏହି ଉତ୍ସବରେ ନିର୍ଦ୍ଦେଶକ (ବିତ୍ତ) ଶ୍ରୀଯୁକ୍ତ କେ.ଆର.ବାସୁଦେବନ । ନିର୍ଦ୍ଦେଶକ (କାର୍ମିକ) ଶ୍ରୀଯୁକ୍ତ କେଶବ ରାଓ, ନିର୍ଦ୍ଦେଶକ ବୈଷୟିକ (ଯୋଜନା ଓ ପରିଯୋଜନା) ଶ୍ରୀଯୁକ୍ତ ବଦନ ସିଂ ଏବଂ ମୁଖ୍ୟ ସତର୍କତା ଅଧିକାରୀ ଶ୍ରୀଯୁକ୍ତ ପି.କେ. ପଟେଲଙ୍କ ସମେତ ବରିଷ୍ଠ ଅଧିକାରୀ ପ୍ରମୁଖ ମହାମାରୀ କୋଭିଡ଼-୧୯ କୁ ଦୃଷ୍ଟିରେ ରଖି ସମସ୍ତ ନୀତି ନିୟମକୁ ପାଳନ କରି ଉପସ୍ଥିତ ଥିଲେ । ଏହି ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଜାଗୃତି ମହିଳା ମଣ୍ଡଳର ଉପସଭାପତି ଶ୍ରିମତି ପଦ୍ମଜା ସିଂ, ଶ୍ରୀମତୀ ପଦ୍ମିନୀ ବାସୁଦେବନ ଏବଂ ଶ୍ରିମତି ସୋନା ସିଂ ପ୍ରମୁଖ ଉପସ୍ଥିତ ଥିଲେ । ପୂର୍ବରୁ କର୍ପୋରେଟ୍ ଅଫିସର ଇନ୍‌ରେ ନିର୍ଦ୍ଦେଶକ (କାର୍ମିକ) ଶ୍ରୀଯୁକ୍ତ କେଶବ ରାଓ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ସ୍ୱାଧିନତା ଦିବସ ଉତ୍ସବ ଏମ୍.ସି.ଏଲ୍ ର ସମସ୍ତ ଏରିଆ ଏବଂ ୟୁନିଟ କାର୍ଯ୍ୟାଳୟରେ ପାଳନ କରାଯିବା ସହିତ ଆଜାଦି କା ଅମୃତ ମହୋତ୍ସବ ପାଳିତ ହୋଇଥିଲା ।

ମହାବୀର ଫାଉଣ୍ଡେସନ ପକ୍ଷରୁ ରୋଗୀଙ୍କୁ ଫଳ ବଣ୍ଟନ

ନୀଳଗିରି,୧୭/୦୮ (ନି.ପ୍ର): ନୀଳଗିରି ର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ "ମହାବୀର ଫାଉଣ୍ଡେସନ" ର ସଦସ୍ୟମାନେ ସ୍ୱାଧୀନତା ଦିବସ ପାଳନ ଅବସରରେ ନୀଳଗିରି ମେଡିକାଲରେ ଥିବା ରୋଗୀମାନଙ୍କୁ ଫଳ ବଣ୍ଟନ କରିଛନ୍ତି । ଏହି ଅବସରରେ ନୀଳଗିରି ଉପଖଣ୍ଡ ଡାକ୍ତରଖାନାର ମେଡିକାଲ ସୁପରିଟେଣ୍ଡେଣ୍ଟ ଡା. ଅଜୟକୃଷ୍ଣ ସାମଲଙ୍କୁ ମହାବୀର ଫାଉଣ୍ଡେସନ ପକ୍ଷରୁ ମାନପତ୍ର ସହ ଉପଢ଼ୌକନ ପ୍ରଦାନ କରିଛନ୍ତି । ପୂର୍ବରୁ ଫାଉଣ୍ଡେସନ ପକ୍ଷରୁ ବୃକ୍ଷରୋପଣ, ରକ୍ତଦାନ ଶିବିର, ଅସହାୟ ପରିବାରକୁ ସହାୟତାର ହାତ ବଢ଼ାଇ ଫାଉଣ୍ଡେସନର ମାନବିକତା ଦେଖାଇଛନ୍ତି । ମହାବୀର ଫାଉଣ୍ଡେସନ ର ସଦସ୍ୟ ବିଦ୍ୟାଧର ବାରିକ, ଗଂଗାଧର ବାରିକ, ବିଶ୍ୱସୁନ୍ଦର ବୀରକ, ସରୋଜ ବାରିକ, ରମେଶ ଦାସ, ସୁଦର୍ଶନ ପାତ୍ର, ଜ୍ୟୋତିପ୍ରକାଶ ବାରିକ, ମାନସ ରାଉତ, ସଂଗ୍ରାମ ବାରିକ, ବ୍ରହ୍ମଜ୍ୟୋତି ବେହେରା, ପ୍ରଦୀପ ମଲ୍ଲିକ, ସୁମନ୍ତ ମଲିକ, ସୁବଳ ବାରିକ, ପ୍ରଭାତ ମଲ୍ଲିକ, ବିଶ୍ୱଜିତ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ ।

ଝୁଲଣ ଯାତ୍ରା ଆରମ୍ଭ, ଦୋଳିରେ ଝୁଲିଲେ ରାଧାକୃଷ୍ଣ

ପୁର,୧୭/୦୮ (ନି.ପ୍ର): ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଦ୍ୱାଦଶଯାତ୍ରା ମଧ୍ୟରୁ ଅନ୍ୟତମ ପ୍ରସିଦ୍ଧ ଝୁଲଣ ଯାତ୍ରା ଆଜିଠୁ ଆରମ୍ଭ ହୋଇଛି । ଶ୍ରାବଣ ଶୁକ୍ଳଦଶମୀ ତିଥିରେ ଶ୍ରୀକ୍ଷେତ୍ରର ବିଭିନ୍ନ ମଠବାଡି ଓ ଶ୍ରୀମନ୍ଦିରରେ ଏହି ଚିତାକର୍ଷକ ଝୁଲଣଯାତ୍ରା ଆରମ୍ଭ ହୋଇଛି । ଏହା ୭ଦିନ ଧରି ଚାଲିବ ।

ଶିକ୍ଷାବିତ ନାରାୟଣ ଦାସଙ୍କ ସ୍ମୃତି ଶ୍ରଦ୍ଧାଞ୍ଜଳି ସଭା ବସ୍ତା ଅଂଚଳର ଗର୍ବ ଓ ଗୌରବ

ବସ୍ତା,୧୭/୦୮ (ନି.ପ୍ର): ବିଶିଷ୍ଟ ଶିକ୍ଷାବିତ ନାରାୟଣ ଦାସଙ୍କ ଏକାଦଶାହ ଅବସରରେ ଏକ ସର୍ବ ସାଧାରଣ ସ୍ମୃତି ସଭା ଉତ୍କଳ ଶିକ୍ଷା ପରିଷଦର ବସ୍ତା ସଂକୁଳ ତରଫରୁ ଅନୁଷ୍ଠିତ ହୋଇଯାଇଛି, ଏହି ସଭାରେ ସର୍ବ ଧର୍ମ ପ୍ରାର୍ଥନା ଓ ଗାୟତ୍ରୀ ମନ୍ତ୍ର ଉଚ୍ଚାରଣ ହୋଇଥିଲା, ବିଶିଷ୍ଟ ସମାଜସେବୀ ତଥା ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ଶ୍ୟାମ ପ୍ରସାଦ ବେହେରାଙ୍କ ସଭାପତିତ୍ୱରେ ଏହି ଶ୍ରଦ୍ଧାଞ୍ଜଳି ସଭାରେ ଉତ୍କଳ ଶିକ୍ଷା ପରିଷଦ, ଓଡିଶାର ରାଜ୍ୟ ସାଧାରଣ ସମ୍ପାଦକ ଯୋଗେନ୍ଦ୍ର ଦାଶ, ବସ୍ତା ସଂକୁଳ ନିରୀକ୍ଷକ ରତିକାନ୍ତ ଚୌଧୁରୀ, ଅବସର ପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜୟନ୍ତ ପାଣିଗ୍ରାହୀ, ଶିକ୍ଷାବିତ ତାପସ କୁମାର ପଣ୍ଡା, ବିଜୟ କୁମାର ପ୍ରାମାଣିକ, ବସ୍ତା ସମାଜ ଶାଖାର ପ୍ରତିନିଧି ବରିଷ୍ଠ ସାମ୍ବାଦିକ ରାମଚନ୍ଦ୍ର ଦେବ ପ୍ରମୁଖ ଅତିଥି ଭାବରେ ଯୋଗ ଦେଇ ନାରାୟଣ ଦାସ ଙ୍କ ଶିକ୍ଷା ପ୍ରତି ଅବଦାନ ଓ ବହୁମୁଖୀ ପ୍ରତିଭା ବିଷୟରେ ଆଲୋଚନା କରିଥିଲେ, ବସ୍ତା ସଂକୁଳରେ ଥିବା ସମସ୍ତ ଅନୁଷ୍ଠାନ ର ପ୍ରମୁଖ ମାନଙ୍କ ସହ ଗୁରୁଜୀ, ଗୁରୁମା ମାନେ ଉପସ୍ଥିତ ଥିଲେ, ଆରମ୍ଭରେ ସମାଜସେବୀ ବୀରାଜ ସିଂଦେଓ ମଞ୍ଚ ପରିଚାଳନା କରିଥିବା ବେଳେ କନ୍ୟା ଦମୟନ୍ତୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ, ଏହି ଅବସରରେ ଅତିଥି ମାନଙ୍କ ଦ୍ୱାରା ଏକ ସ୍ମୃତି ସ୍ମରଣିକା ଉନ୍ମୋଚିତ ହୋଇଥିଲା, ଏହି କାର୍ଯ୍ୟକ୍ରମକୁ ପରିଷଦ ବରିଷ୍ଠ କର୍ମକର୍ତ୍ତା ସୁରଜ ବାରିକ ଏବଂ ବିବେକାନନ୍ଦ ଶିକ୍ଷା କେନ୍ଦ୍ର ଅନୁଷ୍ଠାନୁର ଅଞ୍ଜନ ସାହୁ, ରଂଜିତା ପାଢୀ ସରୋଜ ପାତ୍ର ଆଦି ସମସ୍ତ ଗୁରୁଜୀ ଗୁରୁମା ପରିଚାଳନା କରିଥିଲେ ଏହି ଶୋକ ସଭାରେ ଶିବ ଶଙ୍କର ସାହୁ, ଭିକାରୀ ମିସ୍ତ୍ରୀ, ରାଜକିଶୋର ଦାଶ, କୁମୁଦ ରଞ୍ଜନ ମଣ୍ଡଳ, ଆଦି ବହୁ ଶିକ୍ଷାବିତ,ବୁଦ୍ଧିଜିବି, ସାମ୍ବାଦିକ ବନ୍ଧୁ, ସ୍ଥାନୀୟ ଜନସାଧାରଣ ଆଦି ବହୁ ସଂଖ୍ୟା ରେ ଉପସ୍ଥିତ ଥିଲେ ।

ଯୌତୁକ ନିର୍ଯ୍ୟାତନାରେ ଶିକାର ହେଲେ ମହିଳା, ନ୍ୟାୟ ପାଇଁ ଥାନାରେ ଦ୍ୱାରସ୍ଥ

ନୀଳଗିରି,୧୭/୦୮ (ନି.ପ୍ର): ଅଧିକ ଯୌତୁକ ଦାବୀ କରି ସ୍ୱାମୀ ସମେତ ଶ୍ୱଶୁର ଘର ଲୋକେ ଶାରିରୀକ ମାନସିକ ନିର୍ଯ୍ୟାତନାର ଶିକା ହୋଇ ଜନୈକ ମହିଳା ଶେଷରେ ଥାନାରେ ଆଶ୍ରୟ ନେଇଥିବା ଜଣାପଡ଼ିଛି । ମେଟ୍ରୋମୋନି ମାଧ୍ୟମରେ ସୁଦୂର କୋରାପୁଟ ର ଅନନ୍ୟା ଦାଶ ଓରଫ ମୋନାଲିସା ସହିତ ନୀଳଗିରି ଥାନା ଅଧିନ ସାନଅତା ଗ୍ରାମର ଶୁଭକାନ୍ତ ଦାଶ ଙ୍କ ସହିତ ବୈଦିକ ରୀତିରେ ବିବାହ ହୋଇଥିଲା । ବିବାହ ସମୟରେ କନ୍ୟା ଘର ପକ୍ଷରୁ ସମସ୍ତ ଯାନିଯୌତୁକ ଦିଆଯାଇଥିଲା । ବିବାହର ୬ମାସ ଧରି ଭଲରେ କଟିଥିବା ବେଳେ ଶୁଭକାନ୍ତ ଙ୍କ ଅଭିବାହିତ ମାଉସୀଙ୍କ କୁଶିକ୍ଷାରେ ପଡ଼ି ଅନନ୍ୟାକୁ ଅଧିକ ୫ଲକ୍ଷ ଟଙ୍କା ଯୌତୁକ ଦାବୀ କରି ଅଶାଳୀନ ଭାଷାରେ ଗାଳିଗୁଳକ କରିବା ସହ ପିଟାମରା କରୁଥିଲେ । ଶୁଭକାନ୍ତଙ୍କର ଅନ୍ୟ ଜଣେ ମାଉସୀ ମଧ୍ୟ ଘରୋଇ କଥାରେ ମୁଣ୍ଡ ପୁରାଇ ସେମାନଙ୍କ ସହ ମିଶି ଅନନ୍ୟାକୁ ନିର୍ଯ୍ୟାତନା ଦେଉଥିବା ସେ ନୀଳଗିରି ଥାନାରେ ଅଭିଯୋଗ କରିଛନ୍ତି । ଏପରିକି ଅନନ୍ୟାଙ୍କର ସ୍ୱାମୀ ଶୁଭକାନ୍ତ ଅନ୍ୟ ଏକ ଝିଅ ସହ ଅନୈତିକ ସଂପର୍କ ରଖିଥିବା ନେଇ ଅନନ୍ୟ ନିଜ ଏତଲାରେ ଉଲ୍ଲେଖ କରିଥିବା ଜଣାପଡ଼ିଛି । ଅଧିକ ଯୌତୁକ ଦାବୀ କରି ଦୁଇ ମାଉସୀ ଶାଶୁ ଓ ସ୍ୱାମୀ ନିର୍ଦ୍ଦୟ ବ୍ୟବହାର କରି ପୂର୍ବରୁ ଘରୁ ତଡ଼ି ଦେଇଥିଲେ । ଏବେ ଅନନ୍ୟାର ସ୍ୱାମୀ ଶୁଭକାନ୍ତ ଅନ୍ୟ ଏକ ଝିଅ ସହିତ ବାଲେଶ୍ୱରରେ ରହୁଥିବା ବେଳେ ୪ବର୍ଷର ଶିଶୁ କନ୍ୟାକୁ ଧରି ଅଭାବ ଅନାଟନରେ ଜୀବନ କାଟୁଛନ୍ତି । ଗତ ୧୬.୦୮.୨୧ ରିଖରେ ଶୁଭକାନ୍ତ ଓ ୨ମାଉସୀ ଶାଶୁ ଅଝନକ ଘରୁ ବାହାରିଯିବା ପାଇଁ ଧମକ ଦେବା ସହ ଜୀବନରୁ ମାରିଦେବା ଉଦ୍ଦେଶ୍ୟରେ ଧକ୍କା ବିଧା ମାରିବା ସହ ଘରୁ ନ ଗଲେ କିରୋସିନି ଢ଼ାଳି ପୋଡ଼ି ମାରିଦେବାର ଧମକ ଦେବା ସହ ମୁହଁରେ ତକିଆ ଯାକି ଅଣନିଶ୍ୱାସୀ କରିଦେଇଥିବା ନୀଳଗିରି ଥାନାରେ ଅଭିଯୋଗ କରିଛନ୍ତି । ଏ ନେଇ ନୀଳଗିରି ଥାନାର ଭାରପ୍ରାପ୍ତ ଅଧିକାରୀ ବାସୁଦେବ ଜୟସିଂହ ଘଟଣାର ତଦନ୍ତ ଚାଲିଥିବାର ସୂଚନା ଦେଇଛନ୍ତି ।

୧୪ଫୁଟ ଲମ୍ବର ଅଜଗର ଉଦ୍ଧାର

ନୀଳଗିରି,୧୭/୦୮ (ନି.ପ୍ର): ୪୦ଟି କୁକୁଡ଼ା ଛୁଆ ଖାଇଥିବା ୧୪ଫୁଟ ଲମ୍ବର ଅଜଗର ସାପକୁ ଉଦ୍ଧାର କରି ନୀଳଗିରି ବନ ବିଭାଗକୁ ହସ୍ତାନ୍ତର କରାଯାଇଛି । ସୂଚନା ଅନୁସାରେ ନୀଳଗିରି ବ୍ଲକର ଧୋବଶିଳା ଗ୍ରାମର ମୁକ୍ତିକାନ୍ତ ମହାନ୍ତିଙ୍କ କୁକୁଡ଼ା ଫାର୍ମ ହାଉସରେ ଏକ ୧୪ଫୁଟ ଲମ୍ବର ଅଜଗର ସାପ ପଶି ୪୦ଟି କୁକୁଡ଼ା ଛୁଆ ଖାଇ ଦେଇଥିବା ବେଳେ ଉକ୍ତ ଅଜଗର ସାପକୁ ମୁକ୍ତିକାନ୍ତ ଦେଖିବାକୁ ପାଇଥିଲେ । ପରେ ଧୋବଶିଳା ଗ୍ରାମର ସାପ ଧରାଳି ସଂଜୟ କୁମାର ନାୟକଙ୍କୁ ଖବର ଦେଲା ପରେ ସଂଜୟ ଘଟଣାସ୍ଥଳରେ ପହଞ୍ଚି ଅଜଗର ସାପ ଟିକୁ ଉଦ୍ଧାର କରି ନୀଳଗିରି ବନବିଭାଗକୁ ଖବର ଦେଇଥିଲେ । ବନବିଭାଗ ଅଜଗର ସାପଟି କୁ ଆଣି ସ୍ୱର୍ଣ୍ଣଚୂଡ଼ ପାହାଡ଼ରେ ଛାଡ଼ି ଦେଇଥିବା ଜଣାପଡ଼ିଛି ।

କୋବିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ମାମଲାରେ ୧୮ ଗିରଫ, ୯୧୦ ବାହନ ଜବତ

ଭୁବନେଶ୍ୱର,୧୭/୦୮ (ନି.ପ୍ର): ରାଜ୍ୟରେ କୋବିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ଗତ ୨୪ ଘଂଟାରେ ୧୮ ଜଣଙ୍କୁ ଗିରଫ ଜବତ କରା ଯାଇଛି । ୯୧୦ ବାହନକୁ ଜବତ କରା ଯାଇଛି । ଏହି ସମୟ ମଧ୍ୟରେ ୨୨,୪୦,୬୦୦ ଟଙ୍କା ଜୋରିମାନା ଆଦାୟ କରା ଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆ ଯାଇଛି ।

ସ୍ୱାଧିନତା ଦିବସ ଉପଲକ୍ଷେ ଏକ ବନ୍ଧୁତ୍ୱ ପୂର୍ଣ୍ଣ ପ୍ରଦର୍ଶନୀ ଭଲିବଲ୍ ମ୍ୟାଚ୍

ବାରିପଦା,୧୭/୦୮ (ନି.ପ୍ର): କୋଭିଡ୍ କଟକଣାକୁ ଅଗରେ ରଖି ୭୫ ତମ ସ୍ୱାଧିନତା ଦିବସ ଉପଲକ୍ଷେ ମା କିଚକେଶ୍ୱରୀ ଭଲିବଲ୍ ଏକାଡେମି ଆନୁକୁଲ୍ୟରେ ସ୍ଥାନୀୟ ପୋଲିସ ହାଇସ୍କୁଲ ପଡିଆରେ କୋଭିଡ୍ ନିୟମକୁ ମାନି ଏକ ବନ୍ଧୁତ୍ୱ ପୂର୍ଣ୍ଣ ପ୍ରଦର୍ଶନୀ ଭଲିବଲ ମ୍ୟାଚ୍ ପୋଲିସ ଟିମ ଓ ମା କିଚକେଶ୍ୱରୀ ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏହି ଖେଳରେ ପୋଲିସ ଟିମ୍ ୩-୨ ସେଟ୍ ରେ ମା କିଚକେଶ୍ୱରୀ ଟିମ୍‌କୁ ହରାଇ ଚ୍ୟାମ୍ପିୟାନ ହୋଇଥିଲା ଏଥିରେ ମୁଖ୍ୟ ଅତିଥିଭାବେ ଅତିରିକ୍ତ ଆରକ୍ଷ ଅଧିକ୍ଷକ ଶ୍ରୀଯୁକ୍ତ ସୁରେଷ ଚନ୍ଦ୍ର ପାତ୍ର ଚ୍ୟାମ୍ପିୟାନ ପୋଲିସ ଦଳକୁ ଟ୍ରଫି ପ୍ରଦାନ କରିଥିଲେ ଏଥିରେ ୪ ଜଣ ଖେଳାଳୀଙ୍କୁ ଶ୍ରେଷ୍ଠ ଖେଳାଳୀ ବିବେଚିତ କରାଯାଇଥିଲା ଯଥା ୧. ବିକାଶ ଗିର, ୨. ରାଜିବ୍ ଭୁୟାଁ ,୩. ପ୍ରିୟ ବେହେରା ଓ କିଶାନ କୁମାର । ଏହି ଖେଳକୁ ପରିଚାଳନା କରିଥିଲେ ଶ୍ରୀଯୁକ୍ତ ଦୀପକ କୁମାର ମୁଣ୍ଡା ଓ ଶ୍ରୀଯୁକ୍ତ ମୋନରଞ୍ଜନ ଜୀଉ (ଏନ.ଆଇ.ଏସ୍ କୋଚ୍) ଏଥିରେ ସମ୍ମାନୀୟ ଅତିଥି ଭାବେ ଜିଲ୍ଲା କ୍ରିଡା ଅଧିକାରୀ ଶ୍ରୀଯୁକ୍ତ ଅବନି କୁମାର ମହାନ୍ତି, ଶ୍ରୀଯୁକ୍ତ ଭାନୁପ୍ରତାପ ଭଞ୍ଜଦେଓ, ଶ୍ରୀଯୁକ୍ତ ପାର୍ଥସାରଥୀ ସ୍ୱାଇଁ, ଶ୍ରୀଯୁକ୍ତ ନାରାୟଣ ପ୍ରଦାର ଓ ଶ୍ରୀଯୁକ୍ତ ପ୍ରଭାସ କୁମାର ସାହୁ ଉପସ୍ଥିତ ରହି ଖେଳାଳୀ ମାନଙ୍କୁ ଉତ୍ସାହିତ କରିଥିଲେ । ସ୍କରର ଭାବେ ଭିକି ଓ ମହେଶ କରିଥିଲେ । ଖେଳ ଶେଷରେ ମୂଖ୍ୟ ଅତିଥି ଅବିଭାଷଣରେ କହିଥିଲେ ଖେଳାଳୀ ମାନଙ୍କୁ ଉତ୍ସହିତ କରିବା ସଙ୍ଗେ ସଙ୍ଗେ କୋଭିଡ୍ ନିୟମକୁ ମାନି ସାମାଜିକ ଦୂରତା, ମାସ୍କ ପିନ୍ଧିବା ଏବଂ ଠିକ୍ ଭାବରେ ବ୍ୟାୟାମ କରିବା ଓ ଯୋଗ ପ୍ରଣାୟମ କରି ଶରୀରକୁ ସୁସ୍ଥ ରଖି କୋରନା ଭାଇରସକୁ ଆମ ଦେଶରୁ ମୁକ୍ତ କରିବା ହେଉଛି ଆମର ଲକ୍ଷ । ମା କିଚେକଶ୍ୱରୀ ଭଲିବଲ୍ ଏକାଡେମୀ ତରଫରୁ ପ୍ରତ୍ୟେକ ଖେଳାଳୀ ମାନଙ୍କୁ ମାସ୍କ ଏବଂ ସାନିଟାଇଜର୍ ପ୍ରଦାନ କରାଯାଇଥିଲା ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

୨ କୋଟି ଟଙ୍କାର ବ୍ରାଉନ୍ ....

ଦାୟିତ୍ୱ ନେଇଥିବା ଆଇଆଇସି ପ୍ରଜ୍ଞା ମାହାନ୍ତି ଏତେ ମାତ୍ରାରେ ଧଳା ଜହର ଧରିବାରେ ସକ୍ଷମ ହେଇଛନ୍ତି । ଚଢ଼ାଉ ବେଳେ ପୁଲିସକୁ ନାକେଦମ୍ କରିଥିଲେ ବ୍ରାଉନ ସୁଗର ବେପାରି । ଏଥିରେ ପୁଲିସ୍ ଦୁଇଜଣଙ୍କୁ ଗିରଫ କରିଛି । ତେବେ ଏଥି ମଧ୍ୟରୁ ଜଣେ ମହିଳା କିଙ୍ଗ୍ ପିନ ଅଛନ୍ତି । ସେ ହେଉଛନ୍ତି ଆମିନା ବିବି । ଆଉ ଜଣେ ହେଉନ୍ତି ଜଣେ ଯୁବକ । ସୁରକ୍ଷା ପାଇଁ ଭୋଗରାଇ ବ୍ଲକର କର୍ମଦା ଥାନାରେ ଉଭୟଙ୍କୁ ରଖା ଯାଇଛି ।

ତାଲିବାନର କାବୁଲ ଦଖଲ ପରେ ....

କାମ କରିବାକୁ ଆଶାବାଦୀ ଅଛୁ । ଆମେରିକା ସୈନ୍ୟ ଫେରାଇନେବା ପରେ ଆଫଗାନିସ୍ତାନକୁ ପୁରା କବଜା କରି ନେଇଛି ତାଲିବାନ । ଆଉ ଆମେରିକାର ଏହି ଭୁଲ ନିଷ୍ପତ୍ତିର ମୂଲ୍ୟ ଏବେ ଆଫଗାନିସ୍ତାନ ଜନତା ଭୋଗୁଛନ୍ତି । ଆଉ ଏହା ଯେ ଦକ୍ଷିଣ ଏସିଆର ଶାନ୍ତି ଓ ସ୍ଥିରତାକୁ ଗମ୍ଭୀର ଭାବେ ପ୍ରଭାବିତ କରିବ, ସେଥିରେ କୌଣସି ସନ୍ଦେହ ନାହିଁ ।

ପଛୁଆବର୍ଗମାନଙ୍କୁ ସାମ୍ବିଧାନିକ ଅଧିକାରରୁ ବଂଚିତ କରୁଛନ୍ତି ରାଜ୍ୟସରକାର : ବିଜେପି

ଭୁବନେଶ୍ୱର,୧୭/୦୮ (ନି.ପ୍ର): ରାଜ୍ୟର ୫୨ ଭାଗରୁ ଊର୍ଦ୍ଧ୍ୱ ଜନସଂଖ୍ୟା ବିଶିଷ୍ଟ ଓବିସିମାନଙ୍କ ପ୍ରତି ଓ ସେମାନଙ୍କ ସାମ୍ବିଧାନିକ ଅଧିକାର ପ୍ରତି ରାଜ୍ୟସରକାରଙ୍କ ଆଦୌ ଆନ୍ତରିକତା ନାହିଁ । ରାଜ୍ୟ ସରକାର ଜାଣି ଜାଣି ପଛୁଆ ବର୍ଗଙ୍କୁ ତାଙ୍କ ସାମ୍ବିଧାନିକ ଅଧିକାରରୁ ବଂଚିତ କରୁଛନ୍ତି ବୋଲି ଓବିସି ମୋର୍ଚ୍ଚା ରାଜ୍ୟ ସଭାପତି ସୁରଥ ବିଶ୍ୱାଳ ଅଭିଯୋଗ କରିଛନ୍ତି । ମଙ୍ଗଳବାର ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ବିଶ୍ୱାଳ କହିଛନ୍ତି ଯେ, ନିକଟରେ ଓଡିଶା ପବ୍ଲିକ୍ ସର୍ଭିସ୍ କମିଶନଙ୍କ ତରଫରୁ ବିଭିନ୍ନ ସରକାରୀ ଚାକିରୀ ପ୍ରକାଶିତ ବିଜ୍ଞପ୍ତିରେ ମାତ୍ର ୧୧.୨୫ ପ୍ରତିଶତ ସଂରକ୍ଷଣ ଥିବାର ଘୋଷଣା କରୁଥିବାବେଳେ ବାସ୍ତବ କ୍ଷେତ୍ରରେ ତାହା ୪ ପ୍ରତିଶତରୁ ମଧ୍ୟ କମ୍ । ନିଯୁକ୍ତି ପାଇଁ ସଦ୍ୟ ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ରାଜ୍ୟ ସରକାରଙ୍କ ଅଧିନରେ ଥିବା ଶିକ୍ଷା, ସ୍ୱାସ୍ଥ୍ୟ, ମତ୍ସ୍ୟ ଓ ପଶୁସଂପଦ ଆଦି ବିଭାଗରେ ସମୁଦାୟ ୭୬୩୩ଟି ପଦବୀ ମଧ୍ୟରୁ ମାତ୍ର ୨୮୮ଟି ଓବିସିଙ୍କ ପାଇଁ ଉଦ୍ଦିଷ୍ଟ ବୋଲି ଉଲ୍ଲେଖ ରହିଛି । ଯାହାକି କେବଳ ୩.୭୭ ପ୍ରତିଶତ ଅଟେ । ଏଥିରୁ ରାଜ୍ୟ ସରକାରଙ୍କ ମିଥ୍ୟା ପ୍ରଚାର ପଦାରେ ପଡିଛି । କେନ୍ଦ୍ର ମନ୍ତ୍ରୀମଣ୍ଡଳରେ ମୋଦି ସରକାର ୨୭ ଜଣ ପଛୁଆ ବର୍ଗଙ୍କୁ ପ୍ରତିନିଧିତ୍ୱ ଦେଇଥିବେଳେ ରାଜ୍ୟ ସରକାରଙ୍କ ମନ୍ତ୍ରୀମଣ୍ଡଳରେ ପଛୁଆ ବର୍ଗଙ୍କ ପ୍ରତିନିଧିତ୍ୱ ଅତ୍ୟନ୍ତ ନଗଣ୍ୟ । ଓବିସି ବର୍

ବାଲେଶ୍ୱର ବୁଧବାର, ୧୮ ଅଗଷ୍ଟ, ୨୦୨୧

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୧୨

ଗୋଟିଏ ଦିନରେ ୭୨୦ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୧୭/୦୮ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୭୨୦ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୯୯୬୧୫୩ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ୯୭୯୪୦୭ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ସଂଖ୍ୟା ୯୬୭୨ ରହିଛି ।

ଆଜି ଚିହ୍ନଟ ହୋଇଥିବା ୭୨୦ ଜଣଙ୍କ ମଧ୍ୟରୁ ୪୨୧ ଜଣ ସଂଗରୋଧରୁ ହୋଇଥିବା ବେଳେ ୨୯୯ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୭ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧାରୁ ସବୁଠାରୁ ଅଧିକ ୨୭୯ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିଭଳି ଅନୁଗୋଳ ଜିଲ୍ଲାରୁ ୧୫, ବାଲେଶ୍ୱରରୁ ୧୯, ବରଗଡ଼ରୁ ୨, ଭଦ୍ରକ୍ ରୁ ୨୨, ବଲାଙ୍ଗୀରରୁ ୪, ବୌଦ୍ଧରୁ ୧, କଟକରୁ ୯୧, ଦେବଗଡରୁ ୫, ଢେଙ୍କାନାଳରୁ ୧୫, ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଗଜପତିଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ଗଞ୍ଜାମରୁ ୫ ଜଗତସିଂହପୁରରୁ ୩୩, ଯାଜପୁରରୁ ୨୮, ଝାରସୁଗୁଡାରୁ ୩, କଳାହାଣ୍ଡିରୁ ୫, କନ୍ଧମାଳରୁ ୯, କେନ୍ଦ୍ରାପଡ଼ାରୁ ୧୨, କେନ୍ଦୁଝରରୁ ୧୧ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଖୋର୍ଧା ଜିଲ୍ଲାରୁ ୨୭୯ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ କୋରାପୁଟରୁ ୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ମାଲକାନାଗିରିରୁ ୪, ମୟୁରଭଞ୍ଜରୁ ୨୯ ଜଣ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

ସହରାଞ୍ଚଳ ମୌଳିକ ସମସ୍ୟାକୁ ନେଇ ବିଜେପି ନଗର କମିଟିର ଦାବିପତ୍ର

ବାଲେଶ୍ୱର,୧୭/୦୮ (ନି.ପ୍ର): ଦୈନନ୍ଦିନ ଜୀବନରେ ବାଲେଶ୍ୱର ସହରବାସୀ ସାମ୍ନା କରୁଥିବା ବିଭିନ୍ନ ମୌଳିକ ସମସ୍ୟାର ସମାଧାନ ଦାବିରେ ବିଜେପି ନଗର କମିଟି ପକ୍ଷରୁ ପୌରପାଳିକା ନିର୍ବାହୀ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି । ନଗର ସଭାପତି ଚିତ୍ତରଞ୍ଜନ ପଣ୍ଡାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ନିର୍ବାହୀ ଅଧିକାରୀ ଆଶିଷ ଈଶ୍ୱର ପାଟିଲଙ୍କୁ ସାକ୍ଷାତ ସହ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଛନ୍ତି। ବିଶେଷ କରି ସ୍ୱଚ୍ଛ ଭାରତ ଯୋଜନାରେ କେନ୍ଦ୍ର ସରକାର ପ୍ରଦତ୍ତ କୋଟି କୋଟି ଟଙ୍କା ଅନୁଦାନର ଉପଯୁକ୍ତ ବିନିଯୋଗ ହୋଇପାରି ନଥିବା ସେମାନେ ଆରୋପ ଉଠାଇଥିଲେ। ସହର ନିଷ୍କାସନ ବ୍ୟବସ୍ଥା ଯଥା ନାଳ ନର୍ଦ୍ଦମା ଠିକଭାବେ ପରିଷ୍କାର କରା ନଯିବା ଯୋଗୁଁ ଗତ ୧୧ ତାରିଖରେ ମାତ୍ର ୨ ଘଣ୍ଟାର ବର୍ଷାରେ ବାଲେଶ୍ୱର ସହରରେ କୃତ୍ରିମ ବନ୍ୟା ସୃଷ୍ଟି ହେଇ ଜଣସାଧାରଣଙ୍କ ଘରେ ବ୍ୟବସାୟ ପ୍ରତିଷ୍ଠାନମାନଙ୍କରେ ପାଣି ପଶି ଲକ୍ଷ ଲକ୍ଷ ଟଙ୍କାର ସାମଗ୍ରୀ ନଷ୍ଟ ହୋଇଗଲା। କରୋନା ମହାମାରୀ ସମୟରେ ବ୍ୟବସାୟୀଙ୍କ ଏହି କ୍ଷତି ବୋଝ ଉପରେ ନଳିତା ବିଡ଼ା ସଦୃଶ୍ୟ ହୋଇଛି। ଦୋକାନୀମାନଙ୍କୁ କ୍ଷତି ପୂରଣ ପ୍ରଦାନ ପାଇଁ ବିଜେପି କର୍ମକର୍ତ୍ତାମାନେ ଦାବି କରିଥିଲେ। ଅନ୍ୟପକ୍ଷରେ ନିଷ୍କାସନ ବ୍ୟବସ୍ଥା ପାଇଁ ପୂର୍ବରୁ ପ୍ରସ୍ତୁତ ହୋଇଥିବା 'ମାଷ୍ଟର ପ୍ଲାନ' କୁ ତୁରନ୍ତ କାର୍ଯ୍ୟକାରୀ ପାଇଁ ସେମାନେ ନିର୍ବାହୀ ଅଧିକାରୀଙ୍କୁ ପ୍ରସ୍ତାବ ଦେଇଥିଲେ। ସେହିଭଳି ସହରରେ ଥିବା ସମସ୍ତ କଚ୍ଚା ରାସ୍ତାକୁ ପକ୍କା କରିବା, ସଫେଇ କାର୍ଯ୍ୟ ପାଇଁ ନୂତନ ଟେଣ୍ଡର ଆହ୍ୱାନ କରିବା, ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ସମୟ ଅବଧି ଶେଷ ହୋଇଆସୁଥିବା ବେଳେ ଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରିବା ପ୍ରଭୃତି ପ୍ରସଙ୍ଗ ଉପରେ ଆଲୋଚନା ସହ ତୁରନ୍ତ କାର୍ଯ୍ୟକାରୀ ପାଇଁ ବିଜେପି ପ୍ରତିନିଧି ଦଳ ଦାବି କରିଥିଲା। ପୌପାଳିକା ପକ୍ଷରୁ ତୁରନ୍ତ ଉଚିତ ପଦକ୍ଷେପ ଗ୍ରହଣ କରାନଗଲେ ଆଗାମୀ ଦିନରେ ଦଳ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବ ବୋଲି ବିଜେପି ନଗର କମିଟି ସଭାପତି ଶ୍ରୀ ପଣ୍ଡା ଚେତାବନୀ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ନିର୍ବାହୀ ଅଧିକାରୀ ଶ୍ରୀ ପାଟିଲଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଦାବିପତ୍ର ପ୍ରଦାନ ବେଳେ ଶ୍ରୀ ପଣ୍ଡାଙ୍କ ସମେତ ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶୁଭଙ୍କର ମହାପାତ୍ର, ଜିଲା ଉପ-ସଭାପତି ତଥା ନଗର ପ୍ରଭାରୀ କମଲଲୋଚନ ଦାସ, ଜିଲା ମିଡ଼ିଆ ସଂଯୋଜକ ଶ୍ରୀନିବାସ ପ୍ରଧାନ, ଜିଲା ସମ୍ପାଦକ ବିଭୁପଦ ଦାସ, ଜିଲା ଯୁବମୋର୍ଚ୍ଚା ସଭାପତି ରାଜେଶ ମହାପାତ୍ର, ସୁଶାନ୍ତ ବେରା, ଯୁବମୋର୍ଚ୍ଚା ଉପ-ସଭାପତି ସୁବୋଧଚନ୍ଦ୍ର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

ଖୋଲିଲା ନବମ ଓ ଏକାଦଶ ଶ୍ରେଣୀ

ବାଲେଶ୍ୱର,୧୭/୦୮ (ନି.ପ୍ର): ଦ୍ୱିତୀୟ ଲହର କରୋନା ପ୍ରକୋପ ହ୍ରାସ ପାଇବା ସହ ଦୀର୍ଘଦିନ ପରେ ଗତକାଲିଠାରୁ ଆରମ୍ଭ ହୋଇଛି ସମଗ୍ର ରାଜ୍ୟରେ ନବମ ଓ ଏକାଦଶ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଠପଢ଼ା। ବାଲେଶ୍ୱର ସହର ସମେତ ଜିଲାର ୫ଶହରୁ ଊର୍ଦ୍ଧ୍ୱ ବିଦ୍ୟାଳୟ ପକ୍ଷରୁ ଛାତ୍ରଛାତ୍ରୀଙ୍କ ସାନିଟାଇଜରରେ ହାତ ଧୋଇ ଫୁଲ ଦେଇ ସ୍ୱାଗତ କରାଯାଇଥିଲା। ଦୀର୍ଘଦିନ ପରେ ବିଦ୍ୟାଳୟକୁ ଆସିବା କାରଣରୁ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବେଶ ଉତ୍ସାହ ଉଦ୍ଦୀପନା ପରିଲକ୍ଷିତ ହୋଇଥିଲା। ଦଶମ ଓ ଦ୍ୱାଦଶ ଶ୍ରେଣୀ ଖୋଲିବା ବେଳେ ଯେଭଳି ସତର୍କତା ଅବଲମ୍ବନ ହୋଇଥିଲା, ନବମ ଓ ଏକାଦଶ କ୍ଷେତ୍ରରେ ବି ଅନୁରୂପ ପଦକ୍ଷେପ ନିଆଯାଇଥିବା ଲକ୍ଷ୍ୟ କରାଯାଇଥିଲା। ସମସ୍ତ ଛାତ୍ରଛାତ୍ରୀ ଓ ଶକ୍ଷକ ଶିକ୍ଷୟିତ୍ରୀ ମାସ୍କ ପିନ୍ଧିବା, ସାମାଜିକ ଦୂରତା ରକ୍ଷା ସଙ୍ଗକୁ ଶ୍ରେଣୀ ଗୃହ ବିଶୋଧନ କରିରବା ଯାବତୀୟ ସତର୍କତାପୂର୍ଣ୍ଣ ପଦକ୍ଷେପ ନିଆଯାଇଥିଲା। ଏମିତିକି ପିଲାଙ୍କୁ ସ୍କୁଲ ପଠାଇବା ପାଇଁ ଅଭିଭାବକମାନେ ଲିଖିତ ଆକାରରେ ସମ୍ମତିପତ୍ର ବି ଦେଇଥିଲେ। ଏହା ସତ୍ତ୍ୱେ ସବୁ ମହଲରେ ଦ୍ୱନ୍ଦ୍ୱ ପ୍ରକାଶ ପାଇଛି। ଅନ୍ୟାନ୍ୟ ରାଜ୍ୟରେ ତୃତୀୟ ଲହର କରୋନା ସକ୍ରମଣ କ୍ରମଶଃ ବୃଦ୍ଧି ପାଇବା ଓ ବିଶେଷ କରି ୧୮ ବର୍ଷରୁ କମ କୈଶୋର ଓ ଶିଶୁ ଏଥିରେ ଅଧିକମାତ୍ରାରେ ଆକ୍ରାନ୍ତ ହେବା ନେଇ ବିଭିନ୍ନ ମହଲରେ ଉଦବେଗ ପ୍ରକାଶ ପାଇଛି। ତେବେ ଏନେଇ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଦୁଲାଳ ସେନ ଜଗଦ୍ଦେବଙ୍କୁ ପଚାରିବାରୁ ସେ ପ୍ରସଙ୍ଗର ଗୁରୁତ୍ୱକୁ ହୃଦବୋଧ କରିଥିଲେ। ସାମ୍ପ୍ରତିକ ସ୍ଥିତିରେ ମହାମାରୀ କରୋନା ସମଗ୍ର ବିଶ୍ୱ ପାଇଁ ବିପଦ ହୋଇଛି ବୋଲି ସେ କହିଥିଲେ। କରୋନା ମଧ୍ୟରେ ଆମକୁ ସମସ୍ତ କାର୍ଯ୍ୟ କରିବାକୁ ପଡ଼ିବ। କରୋନା ପାଇଁ ପିଲାଙ୍କ ପାଠପଢ଼ା ତ ଆଉ ବନ୍ଦ କରାଯାଇ ନପାରେ। ତେବେ ଏନେଇ ଅଧିକରୁ ଅଧିକ ସତର୍କତା ଅବଲମ୍ବନ ନିତ୍ୟାନ୍ତ ଜରୁରୀ ବୋଲି ସିଡିଏମଓ ଡାକ୍ତର ଜଗଦ୍ଦେବ କହିଥିଲେ। କେବଳ ବିଦ୍ୟାଳୟ ନୁହେଁ ଘରେ ମଧ୍ୟ ବାପା ମାଆ ଓ ପରିବାରର ଅନ୍ୟାନ୍ୟ ସଦସ୍ୟମାନେ ବିଶେଷ ସତର୍କତା ଅବଲମ୍ବନ କରିବାର ଆବଶ୍ୟକତା ରହିଛି ବୋଲି ସେ ମତ ଦେଇଥିଲେ।

ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବାଲେଶ୍ୱର ଓକିଲ ସଂଘର ସ୍ମାରକପତ୍ର

ବାଲେଶ୍ୱର,୧୭/୦୮ (ନି.ପ୍ର): ସୋର ପରେ ଢେଙ୍କାନାଳ ଓକିଲ ସଂଘ କର୍ମକର୍ତ୍ତାଙ୍କ ଉପରେ ପୁଲିସର ଅମାନବୀୟ କାର୍ଯ୍ୟାନୁଷ୍ଠାନକୁ ନେଇ ପୁଣି ମୁହଁ ଖୋଲିଛି ବାଲେଶ୍ୱର ଜିଲା ଓକିଲ ସଂଘ। ସୋର ଓକିଲଙ୍କ ଉପରେ ଉପରେ ନୟାପଲି ଓ ସୋର ଥାନା ପୁଲିସ କରିଥିବା ନିର୍ଯାତନା ତଥା ଆକ୍ରମଣ ବିରୋଧରେ ସମଗ୍ର ଓଡ଼ିଶାର ଆଇନଜୀବୀମାନେ ଗତମାସ ଶାନ୍ତିପୂର୍ଣ୍ଣ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଥିଲେ। ଏହି ପରିପ୍ରେକ୍ଷୀରେ ଢେଙ୍କାନାଳ ଓକିଲ ସଂଘ ମଧ୍ୟ ଶାନ୍ତିପୂର୍ଣ୍ଣ ଧାରଣା ଚଳାଇ ରଖିଥିବା ବେଳେ ସେଠାକାର ଟାଉନ ଥାନା ପୁଲିସ ଆଇନର ଊର୍ଦ୍ଧ୍ୱକୁ ଯାଇ ସଭାପତି ସଞ୍ଜୟ କୁମାର ମିଶ୍ର ଏବଂ ଅନ୍ୟମାନଙ୍କ ପ୍ରତି ଅସଦାଚରଣ କରିଥିଲେ। ଏମିତିକି ୩୦୬ / ୨୦୨୧ ନଂର ମିଥ୍ୟା ମାମଲା ରୁଜୁ କରିବାକୁ ପୁଲିସ ପଛାଇ ନଥିବା ବାଲେଶ୍ୱର ଓକିଲ ସଂଘ କର୍ମକର୍ତ୍ତା ଆରୋପ ଉଠାଇଛି। ଢେଙ୍କାନାଳ ଓ ସୋର ଓକିଲଙ୍କ ବିରୋଧରେ ପୁଲିସ ରୁଜୁ କରିଥିବା ମିଥ୍ୟା ମାମଲା ତୁରନ୍ତ ପ୍ରତ୍ୟାହାର ସହ ଅଭିଯୁକ୍ତ ପୁଲିସ ଅଧିକାରୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଦାବି କରିଛି ବାଲେଶ୍ୱର ଓକିଲ ସଂଘ। ଏହି ପରିପ୍ରେକ୍ଷୀରେ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବି ସମ୍ବଳିତ ଏକ ସ୍ମାରକପତ୍ର ବାଲେଶ୍ୱର ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ସ୍ମାରକପତ୍ର ପ୍ରଦାନ ବେଳେ ବାଲେଶ୍ୱର ଓକିଲ ସଂଘ ସଭାପତି ମନୋଜ କୁମାର ନାୟକ ଓ ସମ୍ପାଦକ ସମ୍ମିତ ନନ୍ଦୀଙ୍କ ସମେତ ବହୁ ବରିଷ୍ଠ ଆଇନଜୀବୀ ଉପସ୍ଥିତ ଥିଲେ।

କରୋନାରେ ଆଉ ୬୮ ଜଣଙ୍କର ମୃତ୍ୟୁ

ଭୁବନେଶ୍ୱର,୧୭/୦୮ (ନି.ପ୍ର): ରାଜ୍ୟରେ କରୋନାରେ ଆଉ ୬୮ ଜଣ ରୋଗୀଙ୍କର ମୃତ୍ୟୁ ଘଟିଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ଏହା ସହ ରାଜ୍ୟରେ କରୋନା କାରଣରୁ ମୃତ୍ୟୁ ସଂଖ୍ୟା ବଢି ୭୦୨୧ ହୋଇ ଯାଇଛି । ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ କଟକ ଜିଲ୍ଲାରୁ ସର୍ବାଧିକ ୧୪ ଜଣ ଥିବା ବେଳେ ଜଗତସିଂହପୁର ଓ ଅନୁଗୁଳ ଜିଲ୍ଲାରୁ ୮ ଜଣ ଲେଖାଏଁ,ଅଛନ୍ତି। ଯାଜପୁର ଜିଲ୍ଲାରୁ ୭ ଜଣ, ବାଲେଶ୍ୱର ଓ କେନ୍ଦ୍ରାପଡ଼ା ଜିଲ୍ଲାରୁ ୬ ଜଣ, ଢେଙ୍କାନାଳ ଓ ଖୋର୍ଦ୍ଧା ଜିଲ୍ଲାରୁ ୫ ଜଣ ଲେଖାଏଁ, ପୁରୀ ଓ ରାୟଗଡ଼ା ଜିଲ୍ଲାରୁ ଜିଲ୍ଲାରୁ ୩ ଜଣ ଲେଖାଏଁ ଏବଂ ମୟୂରଭଞ୍ଜ, ସୁନ୍ଦରଗଡ଼ ଓ କେନ୍ଦୁଝର ଜିଲ୍ଲାରୁ ଜଣେ ଲେଖାଏଁ ମୃତକ ରହିଛନ୍ତି। ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ଯେ ପ୍ରତ୍ୟେକ ଦିନ ଆସୁଥିବା ମୃତ୍ୟୁ ସଂଖ୍ୟା ସେହି ନିର୍ଦ୍ଦିଷ୍ଟ ଦିନର ନୁହେଁ । ବିଭିନ୍ନ ସ୍ତରରେ ଅଡିଟ କରା ଯାଇ ମୃତ୍ୟୁ ସଂଖ୍ୟା ଘୋଷଣା କରା ଯାଉଥିବା ବିଭାଗ ପକ୍ଷରୁ କୁହା ଯାଇଛି ।

ଗୋପବନ୍ଧୁ ମେମୋରିଆଲ ସେବା ଟ୍ରଷ୍ଟ ତରଫରୁ ମାସ୍କ ଓ ସାବୁନ ବଣ୍ଟନ

ଉଦଳା,୧୭/୦୮ (ନି.ପ୍ର): କରୋନାର ଦ୍ୱିତୀୟ ଲହର ପରେ ତୃତୀୟ ଲହର ସମ୍ଭାବନାକୁ ନେଇ ନାନା କଳ୍ପନା ଜଳ୍ପନା ଚାଲିଥିବା ବେଳେ ଗୋପବନ୍ଧୁ ମେମୋରିଆଲ ସେବା ଟ୍ରଷ୍ଟ ତରଫରୁ ଉଦଳା ବ୍ଲକ ଅନ୍ତର୍ଗତ ବଳଭଦ୍ରପୁର ଠାରେ ସଚେତନତା କାର୍ଯ୍ୟକ୍ରମ ଓ ଗ୍ରାମବାସୀଙ୍କୁ ମାସ୍କ ଓ ସାବୁନ ବଣ୍ଟନ କରାଯାଇଛି । ୭୫ତମ ସ୍ୱାଧିନତା ଦିବସ ପାଳନ ଅବସରରେ ସେବା ଟ୍ରଷ୍ଟର ସଭାପତି ପ୍ରମିଳା ପଣ୍ଡାଙ୍କ ଅଧକ୍ଷତାରେ ଏହି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । କାର୍ଯ୍ୟକ୍ରମରେ ଅତିଥି ଭାବରେ ସେବା ନିବୃତ ବାୟୁସେନା ଅଧିକାରୀ ତଥା ବର୍ତ୍ତମାନ ବୃନ୍ଦାବନଚନ୍ଦ୍ରପୁର ସ୍ଥିତ ବ୍ୟାଙ୍କ ଅଫ ଇଣ୍ଡିଆର ଫିଲ୍ଡ ଅଫିସର ତାରାକାନ୍ତ ରାୟ ଏବଂ ଅନ୍ୟତମ ଅତିଥି ଭାବରେ କପ୍ତିପଦା ସରକାରୀ ଡ଼ାକ୍ତରଖାନାର ସେବିକା ଅନିତା ବିଶ୍ୱାଳ ଯୋଗ ଦେଇ କରୋନା ମୁକାବିଲା ପାଇଁ ଆମକୁ କିପରି ସଚେତନ ରହିବାକୁ ପଡ଼ିବ ସେ ବିଷୟରେ ବୁଝାଇଥିଲେ । ତାହାଛଡ଼ା ଭେକ୍ସିନ ନେବା ସମସ୍ତେ ଜରୁରୀ ବୋଲି ସମସ୍ତଙ୍କୁ ଅବଗତ କରାଇଥିଲେ । ଅଜୟ ବେହେରା ଓ ସୁରେନ୍ଦ୍ର ମାଣ୍ଡି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶେଷରେ ଗ୍ରାମବାସୀଙ୍କୁ ସାବୁନ ଏବଂ ମାସ୍କ ବଣ୍ଟନ କରାଯିବା ସହିତ କାର୍ଯ୍ୟକ୍ରମର ଯବନିକା ପଡ଼ିଥିଲା ।

କୁମ୍ଭାରୀ ପଞ୍ଚାୟତରେ ବିଜେଡିର ମିଶ୍ରଣ ପର୍ବ

ବାଲିଆପାଳ,୧୭/୦୮ (ନି.ପ୍ର): ବାଲିଆପାଳ ବ୍ଲକ କୁମ୍ଭାରୀ ପଂଚାୟତର ଗୁଆ ପଡା ଓ ରାଇଢେଙ୍କ ଗ୍ରାମରେ ବିଜୁ ଜନତା ଦଳର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି । ଏହି କାର୍ଯ୍ୟକ୍ରମରେ କୁମ୍ଭାରୀ ପଂଚାୟତ ବିଜେଡି ସଭାପତି ରାଧାକୃଷ୍ଣ ଦାସମହାପାତ୍ର ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ବାବରେ ବସ୍ତା ବିଧାୟକ ନିତ୍ୟାନନ୍ଦ ସାହୁ, ଜିଲ୍ଲା ପରିଷଦ ସଦସ୍ୟ ରବିନ୍ଦ୍ର ନାଥ ଅଣ୍ଡିଆ, ସରପଂଚ ଜୟନାରାୟଣ ମହାପତ୍ର ପ୍ରମୁଖ ଯୋଗ ଦେଇଥିଲେ । ଗୁଆ ପଡା ଓ ରାଇଢେଙ୍କ ଗ୍ରାମର ସୁଦର୍ଶନ ନନ୍ଦି ଦିନବନ୍ଧୁ ଗିରି, ବୈକୁଣ୍ଠ ଜେନା, ସୁରେନ୍ଦ୍ର ଗିରି, ଗୋପାଳ ରଣବାଜ, ରାମଚନ୍ଦ୍ର ପାଳ, ବରେନ୍ଦ୍ର ପାଳ, ଧିରେନ୍ଦ୍ର ପାଳ, ଗୋଲକ ବିହାରୀ ପାଳ, ବ୍ରଜେନ୍ଦ୍ର ପାଳ, ଗଦାଧର ପାଳ, ବିଜୟ ପାଳ ପ୍ରମୁଖ ଅନ୍ୟ ଦଳ ଛାଡି ବିଦ୍ଧିବଧ ଭାବେ ବିଜେଡିରେ ଯୋଗଦାନ କରିଥିଲେ । ନୂତନ ସଦସ୍ୟ ମାନଙ୍କୁ ବିଧାୟକ ନିତ୍ୟାନନ୍ଦ ସାହୁ ପୁଷ୍ପ ଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧୀତ କରିବା ସହିତ ତୃଣମୂଳ ସ୍ତରରେ ଦଳକୁ ଅଧିକ ସୁଦୃଢ କରିବାକୁ ପରାମର୍ଶ ଦେଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଯୁବ ବିଜେଡି ସାଧାରଣ ସମ୍ପାଦକ ଉଜ୍ଜ୍ୱଳ କୁମାର ଗିରି, ଲକ୍ଷ୍ମୀଧର ସେଠୀ, ଚାରୁଚନ୍ଦ୍ର ନନ୍ଦିଙ୍କ ସମେତ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ ।

ସ୍ୱର୍ଗତଃ ଶ୍ରୀନିବାସ ପାଢୀଙ୍କ ଏକାଦଶହରେ ଶ୍ରଦ୍ଧାଞ୍ଜଳି ସଭା

ବାଲିଆପାଳ,୧୭/୦୮ (ନି.ପ୍ର): ବାଲିଆପାଳ ବ୍ଲକ ଜଗତିପୁର ପଂଚାୟତ ମେଣ୍ଡାପଡା ଗ୍ରାମର ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ ସ୍ୱର୍ଗତଃ ଶ୍ରୀନିନାସ ପାଢୀଙ୍କ ଏକାଦଶହରେ ଏକ ସ୍ମୃତି ସଭା ତାଙ୍କ ବାସ ଭବନରେ ଅନୁଷ୍ଠିତ ହୋଇଯାଇଛି । ବିଶିଷ୍ଟ ଶିକ୍ଷାବିତ ସୁଧାସିନ୍ଧୁ ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ସ୍ମୃତି ସଭାରେ ବିଜୁ ମହିଳା ଜନତା ଦଳ ରାଜ୍ୟ କାର୍ଯ୍ୟକାରୀ ସଭାପତି ତଥା ବିଶିଷ୍ଟ ସମାଜସେବୀ ସୁବାସିନି ଜେନା ଯୋଗଦାନ କରି ତାଙ୍କ ବକ୍ତବ୍ୟରେ ସ୍ୱର୍ଗତଃ ପାଢୀଙ୍କୁ ଜଣେ ନିଷ୍କପଟ, ନିର୍ଭିକ, ଉଦାରବାନ ଛାତ୍ର ବତ୍ସଳ ଶିକ୍ଷକ ଥିଲେ ବୋଲି ଅବିହିତ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ରତେଇ ପଂଚାୟତର ସରପଂଚ ସରୋଜ ପାଢୀ, ନୂଆଗାଁର ପୂର୍ବତନ ସରପଂଚ ମନ୍ମଥ ଗିରି ବିଜେଡି ନେତା ସଞ୍ଜିବ ପାଢୀ, ନାରାୟଣ ପାଣିଗ୍ରାହୀ, ସାମ୍ବାଦିକ ସାନ୍ତନୁ କୁମାର ମହାପାତ୍ର, ଶ୍ରୀଧର ଡାକୁଆ, କୁଞ୍ଜ ବିହାରୀ ବେହେରା, ପଂଚାନନ ପ୍ରଧାନ, ନରହରୀ ବିଶ୍ୱାଳ, ବଂଶୀଧର ପରିଡା, ବସନ୍ତ ରାଉତ, ଅନନ୍ତ ରାଉତ, ଅଜୟ ଦାସ, ହିମାଂଶୁ ପଣ୍ଡା, ରଞ୍ଜନ ପଣ୍ଡା ପ୍ରମୁଖ ବକ୍ତବ୍ୟ ପ୍ରଦାନ କରି ସ୍ୱର୍ଗତଃ ପାଢୀଙ୍କ ସ୍ମୃତି ଚାରଣ କରିଥିଲେ ।

ପୋଲିସ ପକ୍ଷରୁ ଶହୀଦଙ୍କ ପରିବାର ପକ୍ଷରୁ ସମ୍ବର୍ଦ୍ଧନା

ବାରିପଦା,୧୭/୦୮ (ନି.ପ୍ର): ସ୍ୱାଧିନତା ଦିବସ ଶୁଭ ଅବସରରେ କଳାହାଣ୍ଡିରେ ଘଟିଥିବା ମାଓବାଦୀ ଆକ୍ରମଣରେ ଶହୀଦ ହୋଇଥିବା ମୟୂରଭଞ୍ଜ ଜିଲ୍ଲା ଶୁଳିଆପଦା ବ୍ଲକ ଅନ୍ତର୍ଗତ ସାନ ଭୋଦୁଆ ଗ୍ରାମର ବୀର ଯବାନ ସୁଧିର କୁମାର ଟୁଡୁଙ୍କୁ ସୂର୍ଯ୍ୟଚକ୍ର ସମ୍ମାନ ପ୍ରଦାନ ପାଇଁ କେନ୍ଦ୍ର ସରକାର ଘୋଷଣା କରିଥିବା ବେଳେ, ଅଗଷ୍ଟ ୧୫ ତାରିଖ ଅପରାହ୍ନରେ ଜିଲ୍ଲା ପୋଲିସ କାର୍ଯ୍ୟାଳୟ ସଭାକକ୍ଷରେ ଶହୀଦ ଟୁଡୁଙ୍କ ପରିବାର ବର୍ଗଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିବାର ଜଣା ଯାଇଛି । ଏହି ଅବସରରେ ମୋରଡା ବିଧାୟକ ରାଜକିଶୋର ଦାସ, ଉତ୍ତରାଂଚଳ ଆଇଜି ହିମାଂଶୁ ଲାଲ, ମୟୂରଭଞ୍ଜ ଜିଲ୍ଲାପାଳ ବିନୀତ ଭରଦ୍ୱାଜ, ମୟୂରଭଞ୍ଜ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ରିଷିକେଶ ଦ୍ୟାନଦେଓ ଖିଲାରୀ ପ